

# କେନ୍ଦ୍ରାପଡ଼ା କଥା



ଜିଲ୍ଲା ପ୍ରଶାସନର ପାକ୍ଷିକ ମୁଖପତ୍ର

Volume.-1 Issue-1 2019 Kendrapara No. of Pages - 4



## Preface of the Chief Editor

Nestled on the littoral Coast of the Bay of Bengal, Kendrapara formerly one of the Sub- division of Odisha State have got recognition as a district in the year 1993.The Then Chief Minister "Prabada Purusha" Sj. Biju Patnaik decided to upgrade Kendrapara from Sub- division to District keeping it in mind to provide doorstep administrative, development and welfare services to the people of Kendrapara as it is a cyclone & flood prone piece of land surrounded by seven rivers and twenty seven Sub- rivers. Besides this, the aim and objectives for formation of Kendrapara as a district was to uplift the poor and downtrodden people as well as for eradicating poverty through different welfare and poverty eradication programme of the Govt. providing immediate and appropriate service to the public.

The geography of Kendrapara tells us about the Bay of Bengal in the east and many mighty rivers and innumerable number of creeks and nalas which spread like nets everywhere. So cyclone and flood are the eternal enemies of the people of Kendrapara. The district is very much rich in agriculture, natural environment, seashore, forest and many Socio – cultural fan fairs and heritage.

Kendrapara District Administration have always been trying best to provide uninterrupted doorstep services to the people of Kendrapara. All the development and public welfare programme of the Govt. are being provided to the people for their upliftment as well as for development of the District.

In this context, Kendrapara District Administration have taken an initiative to brought out a fortnightly news letter titled "Kendrapara Katha" bearing the messages of different Govt. Programme organized by various department of the district for making wide publicity. It is an innovative step which has been taken by the District Administration to install a bridge of Co- ordination among the public and Govt. The first issue of the News Letter is going to be published on 15.08.2019 on the occasion of 73rd Independence Day celebration – 2019. Publication of the News Letter will be successful if it will highly be appreciated by the public at a large. I hope, all my colleagues shall accept this as a challenge for success and in time publication of the News Letter.

At last, I offer thanks to the Editors, Working Body Members and Staff who have rendered their valuable services for bringing out the News Letter.

12/8/19

(Samarth Verma)

## CM NAVEEN'S FOCUS NOW ON IMPLEMENTATION OF 5Ts IN ODISHA



Following a brainstorming session with the top officials of the State Government including the Chief Secretary, DGP and ACS, Principal Secretary and Secretaries of all Departments, Districts Collectors and SPs, CM Naveen Patnaik asked the officials to focus on implementing the 5Ts technology, transparency, teamwork, time limit and transformation to bring about transformational changes in the state.

Citing three transformational changes in Odisha that has put the State on global benchmark, the Chief Minister said "Our efforts on disaster management, provision of land rights to slum dwellers and successful reduction of Naxalite influence in the State have been recognised in the entire country. Therefore, all the Government machinery must work in cohesion by implementing the 5Ts to bring about transformational changes in the State. We cannot be satisfied with incremental changes."

In order to further improve the accountability to providing Citizen Centric Governance, the Government has decided that Annual Performance Appraisal Reports of the districts SPs and Indian Forest Service Officers of the level of Additional PCCF and above will be submitted to Chief Minister as Accepting Authority. Further, in the performance Appraisal of the officers, the implementation of 5T components will be accorded twenty percent weightage.

In order to streamline the functioning of Directorates and speed up the process of decision making, the Directorates under the Departments shall function as composite entity. The OSWAS system shall also be modified to integrate the Directorates with the Departments.

The CM further discussed on new initiatives on 5Ts to be taken up by Works, Housing and Urban Development, Energy, Higher Education, SSEPD, Health and Family Welfare and the Revenue & DM Department.

## ସ୍ୱାଧୀନତା ସଂଗ୍ରାମକୁ କେନ୍ଦ୍ରାପଡ଼ାର ଅବଦାନ

ଓଡ଼ିଶା ସର୍ବ ଶେଷରେ ଇଂରେଜମାନଙ୍କ ଶାସନାଧୀନ ହୋଇଥିଲା । ମାତ୍ର ସର୍ବ ପ୍ରଥମେ ଇଂରେଜ ବିରୋଧୀ ଆନ୍ଦୋଳନ ଓଡ଼ିଶାରୁ ହିଁ ଆରମ୍ଭ ହୋଇଥିଲା । ୧୮୦୫ ମସିହାରେ କେନ୍ଦ୍ରାପଡ଼ା–କୁଜଙ୍ଗ ଅଞ୍ଚଳରେ ସଶସ୍ତ୍ର ସଂଗ୍ରାମ ସଂଘଠିତ ହୋଇ ପାଇକ ବିଦ୍ରୋହ ପାଇଁ ବାଟ ଫିଟାଇଥିଲା । ୧୮୧୭ରୁ ୧୮୨୭ ଯାଏ ପାଇକମାନଙ୍କର ଅପୂର୍ବ ରଣ କୌଶଳ ଇଂରେଜମାନଙ୍କୁ ଚକିତ କରିଥିଲା । ୧୮୫୭ ମସିହାର ସିପାହୀ ବିଦ୍ରୋହରେ ଓଡ଼ିଶାର ଥିଲା ଉଲ୍ଲେଖନୀୟ ଭୂମିକା । ସର୍ବସ୍ୱାନ୍ତ ହୋଇଥିବା ବକ୍ସି ଜଗବନ୍ଧୁଙ୍କୁ ବଡ଼କୋଠା ଜମିଦାର ଆର୍ଥିକ ସହାୟତା ଓ ଅଶ୍ୱ ଯୋଗାଇଥିଲା ।

ଭାରତୀୟମାନେ ଆନୁଷ୍ଠାନିକ ଭାବେ ସେମାନଙ୍କର ଦାବି ଉପସ୍ଥାପନ କରିବା ନିମନ୍ତେ ଅକ୍ଟାଭିଆନ ହ୍ୟୁମ୍‌ଙ୍କ ପ୍ରସ୍ତାବ କ୍ରମେ ଗଠିତ ହୋଇଥିଲା ଜାତୀୟ କଂଗ୍ରେସ ୧୮୮୫ରୁ ୧୯୦୦ ମସିହା ମଧ୍ୟରେ ଓଡ଼ିଶାର ପ୍ରତିନିଧି ଥିଲେ ୧୪ ଜଣ ବିଶିଷ୍ଟ ବ୍ୟକ୍ତି । ସମୟ ଖଣ୍ଡ ବେଳକୁ ଓଡ଼ିଆ ଭାଷା ତଥା ଜାତୀୟତା ଉପରେ ଉପାନ୍ତ ପ୍ରଦେଶର ଆକ୍ରମଣ ହୋଇ ସାରିଥିଲା । ଏଣୁ ଓଡ଼ିଶାର ସ୍ୱାଭିମାନ ବଞ୍ଚାଇବାକୁ ହେଲେ ବ୍ରିଟିଶ ସରକାରକୁ ପ୍ରବଳ ପ୍ରତିରୋଧ କରିବାକୁ ପଡ଼ିବ । ଏହି ଉଦ୍ଦେଶ୍ୟରେ ୧୯୦୫ ମସିହା ଅଗଷ୍ଟ ୨୦ ତାରିଖରେ କଟକଠାରେ ସୁଭାଷ ବୋଷଙ୍କ ପିତା ଜାନକୀ ନାଥ ବୋଷଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିଲା । ସ୍ୱଦେଶୀ ଆନ୍ଦୋଳନ ଏବଂ ବିଦେଶୀ ବସ୍ତୁ ବର୍ଜନ ନିମନ୍ତେ ଧୀରେନ୍ଦ୍ରନାଥ ଚୌଧୁରୀ, ମଧୁସୂଦନ ଦାସ, ବିଶ୍ୱନାଥ କର ପ୍ରଭୃତି ଓଜସ୍ୱିନୀ ବକ୍ତୃତା ପ୍ରଦାନ କରିଥିଲେ । ଶିକ୍ଷିତ ତରୁଣ ଗୋଷ୍ଠୀ ଉପରେ ଏହାର ପ୍ରଭାବ ବେଶ୍ ଉପଲବ୍ଧ ହେଲା । ସେହିପରି ଅବଦୁଶ ଶୋଭନ ଖାଁ ଓ ଫକୀର ମୋହନ ସେନାପତିଙ୍କ ଆହ୍ୱାନରେ ବାଲେଶ୍ୱର ଏବଂ ସେପ୍ଟେମ୍ବର ମାସରେ ହରିଶ୍ଚନ୍ଦ୍ର ବୋଷଙ୍କ ଆହ୍ୱାନରେ ପୁରୀଠାରେ ବିଦେଶୀ ବର୍ଜନର ସ୍ୱରଉତ୍ତୋଳନ ହୋଇଥିଲା । ଜାତୀୟ କଂଗ୍ରେସ ଏ ସ୍ୱପ୍ନ ଦେଖିବା ପୂର୍ବରୁ ଓଡ଼ିଶା ଚିନ୍ତା–ଚେତନାରେ ଅଗ୍ରଣୀ ହୋଇ ସାରିଥିଲା ।

୧୯୧୫ ମସିହାରେ ଚଷାଖଣ୍ଡର ବିପ୍ଳବ ଏବଂ ବାଘା ଯତୀନ, ବୀରେନ୍‌ଙ୍କର ନାଟକୀୟ ସଂଗ୍ରାମ ସମସ୍ତଙ୍କୁ ସ୍ତବ୍ଧ କରିଥିଲା । ବାଘାଯତୀନ ଗୁଳିରେ ଆହତ ହୋଇ ଡାକ୍ତରଖାନାରେ ପ୍ରାଣ ହରାଇଥିଲେ । ସତ୍ୟବାଦୀ ଗୋଷ୍ଠୀ ଯଥା ପଣ୍ଡିତ ଗୋପବନ୍ଧୁ, ଗୋଦାବରୀଶ, ନୀଳକଣ୍ଠ ଜାତୀୟ ମଞ୍ଚ ପ୍ରତି ଆକୃଷ୍ଟ ହୋଇ ଓଡ଼ିଶାର ମୁକ୍ତି ସ୍ୱପ୍ନ ଦେଖିଥିଲେ ।

୧୯୨୧ ମସିହାରେ ମହାତ୍ମାଗାନ୍ଧୀଙ୍କର ଅସହଯୋଗ ଆନ୍ଦୋଳନର ଭଗୀରଥ ସାଜି ପଣ୍ଡିତ ଗୋପବନ୍ଧୁ ଦାସ ମାର୍ଚ୍ଚ ୨୩ ତାରିଖରେ କଟକ କାଠଯୋଡ଼ି ଅଞ୍ଚଳରେ ସଭା କରାଇଥିଲେ । ଏହି ସଭାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ଗୋପବନ୍ଧୁ ଚୌଧୁରୀ, ମା' ରମାଦେବୀ, ରେଭେନ୍ସା କଲେଜର ଛାତ୍ର ଯଦୁମଣି ମଙ୍ଗରାଜ, ଶ୍ରୀଧର ସାହୁ (ଉଭୟ କେନ୍ଦ୍ରାପଡ଼ାର), ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ ପ୍ରମୁଖ । ଅସହଯୋଗ ଆନ୍ଦୋଳନର ସଫଳତା ପରେ ଆଇନ୍ ଅମାନ୍ୟ ଆନ୍ଦୋଳନ ଓ ୧୯୩୦ ଲବଣ ସତ୍ୟାଗ୍ରହ ଇଂରେଜ ସରକାରଙ୍କ ହୃତ୍‌କମ୍ପ ସୃଷ୍ଟି କରିଥିଲା । କଟକରୁ ଲବଣ ସତ୍ୟାଗ୍ରହୀ ୩୮ ଜଣ ଯାତ୍ରା କରି କେନ୍ଦ୍ରାପଡ଼ା ଚାନ୍ଦୋଳଠାରେ ପହଞ୍ଚିବା ବେଳକୁ ବହୁ ସଂଖ୍ୟକ ସତ୍ୟାଗ୍ରହୀ ଯୋଗଦାନ କରି ସାରିଥିଲେ ଏବଂ ନେତୃତ୍ୱ ବହନ କରିଥିବା ଗୋପବନ୍ଧୁ ଚୌଧୁରୀଙ୍କୁ ଗିରଫ କରାଯିବା ଫଳରେ ଆଚାର୍ଯ୍ୟ ହରିହର ଦାସଙ୍କ ନେତୃତ୍ୱରେ ଲବଣ ଆନ୍ଦୋଳନକାରୀ ବାଲେଶ୍ୱରର ଇଞ୍ଚୁଡ଼ିରେ ପହଞ୍ଚି ଲୁଣ ମାରି ବିକ୍ରି କରୁଥିଲେ । ପୋଲିସର ଲାଠି, ଗିରଫଦାରି ଓ ଅତ୍ୟାଚାର ଥିଲା ସମ୍ପୂର୍ଣ୍ଣ ଅମାନୁଷିକ ଓ ମର୍ମନ୍ତୁଦ ।

ଇତି ମଧ୍ୟରେ କନିକା ପ୍ରଜା ବିପ୍ଳବ ଓ ଅସହଯୋଗ ଆନ୍ଦୋଳନ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇଥିବାରୁ କଂଗ୍ରେସର ଗୋପବନ୍ଧୁ ଦାସ, ସମ୍ପାଦକ ଭାଗୀରଥି ମହାପାତ୍ର, ସରଳାଦେବୀ, ଯଦୁମଣି ମଙ୍ଗରାଜ ପ୍ରବେଶ କରି ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ଓ ଚକ୍ରଧର ବେହେରା ପ୍ରମୁଖଙ୍କୁ ସହଯୋଗ କରିଥିଲେ । କେନ୍ଦ୍ରାପଡ଼ାର ୫୦୦୦ରୁ ଅଧିକ ଚାରିଅଣିଆ, କଂଗ୍ରେସ ସଦସ୍ୟ ହୋଇ ସମର୍ଥନ ଜ୍ଞାପନ କରିଥିଲେ ।

ଇଂରେଜ ସରକାର ସ୍ୱାଧୀନତା ଦେବାର ଛଳନା କରି ବିଶ୍ୱଯୁଦ୍ଧରେ ସାହାଯ୍ୟ ପ୍ରାପ୍ତ ହୋଇଥିଲା । ମାତ୍ର ପ୍ରତାରଣା ବୋଲି ମହାତ୍ମାଗାନ୍ଧୀ ଜାଣିବା ମାତ୍ରେ ଘୋଷଣା କଲେ ଆଉ ମୁହୂର୍ତ୍ତେ ବ୍ରିଟିଶକୁ ଭାରତରେ ରହିବାକୁ ଦିଆଯିବ ନାହିଁ । ଜାତୀୟ କଂଗ୍ରେସ ନିଷ୍ପତ୍ତି କ୍ରମେ ଅଗଷ୍ଟ ଆଠ ତାରିଖରେ ଆରମ୍ଭ ହୋଇଗଲା ଆନ୍ଦୋଳନ । ଗାନ୍ଧିଜୀଙ୍କର ଅନେକ ବର୍ଷ ଆହ୍ୱାନ କର ବା ମର (ଡୁ ଅର୍ ଡାଏ) ରେ ଆକୁମାରୀ ହିମାଳୟ ପ୍ରକମ୍ପିତ ହେଲା । ୧୯୪୨ ଅଗଷ୍ଟ ୯ ତାରିଖ ପ୍ରଭାତରୁ ଜାତୀୟ ସ୍ତରର ନେତା ବନ୍ଦୀ ହୋଇଗଲେ ।

ଓଡ଼ିଶାର କଂଗ୍ରେସ ନେତାମାନଙ୍କୁ ପୋଲିସ ଗିରଫ କରି ନେବା ଦ୍ୱାରା ବିପ୍ଳବର ବହ୍ନି ଅଧିକ ପ୍ରଜ୍ୱଳିତ ହେଲା । ୧୯୪୨ ମସିହା ଅଗଷ୍ଟ ୧୪ ତାରିଖରେ ରେଭେନ୍ସା କଲେଜର ଛାତ୍ରମାନେ ଆନ୍ଦୋଳନକୁ ଲମ୍ଫ ଦେବାର ଶପଥ ନେଲେ । ବିଭୁଦେନ୍ଦୁ ମିଶ୍ର, ସୁରଜ ମୟସ ଓ ବୀରେନ୍ ମିତ୍ର ପ୍ରମୁଖ କଲେଜ ଅଚଳ କରିଦେଲେ ଏବଂ କେତେକ ଗିରଫ ହୋଇ ବ୍ରହ୍ମପୁର ଜେଲକୁ ଗଲେ । କଟକ କଂଗ୍ରେସ ଅଫିସ, ବରୀ ରାମଚନ୍ଦ୍ରପୁର କଂଗ୍ରେସ ଅଫିସ ଏବଂ ଅନ୍ୟାନ୍ୟ ସ୍ଥାନରୁ ଏପରିକି କୋରାପୁଟ, ସମ୍ବଲପୁରରୁ ଆନ୍ଦୋଳନକାରୀଙ୍କୁ କାରାରୁଦ୍ଧ କରାଯାଇଥିଲା । କାଇପଡ଼ା ଗୁଳିକାଣ୍ଡ, ଭଣ୍ଡାରିପୋଖରୀ, ଧାମନଗର ଗୁଳିକାଣ୍ଡ, ଇରମ ଗୁଳିକାଣ୍ଡ, ନିମାପଡ଼ା ଗୁଳିକାଣ୍ଡ, କୋରାପୁଟର ମୈଥିଳି ଗୁଳିକାଣ୍ଡ, ପାପଡ଼ାହାଣ୍ଡି ଗୁଳିକାଣ୍ଡ ଭଳି ଲୋମହର୍ଷଣକାରୀ ଘଟଣା, ଆତ୍ମବଳିଦାନ କ୍ଷେତ୍ରରେ ଓଡ଼ିଶା ଚରମ ତ୍ୟାଗ କରିଆସିଛି । ବାସୁ–ବିସୁନି, ବାଜି ରାଉତ, ଲକ୍ଷ୍ମଣ ନାୟକ ପ୍ରଭୃତିଙ୍କ ଫାଶୀ ଭାରତର ରକ୍ତରଞ୍ଜିତ ଇତିହାସକୁ ଅଧିକ ରଙ୍ଗୀନ କରିଛି ।

କେନ୍ଦ୍ରାପଡ଼ା ସବ୍‌ଡିଭିଜନ୍‌ର ୬୨୦ ଜଣ ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରି ତନ୍ମଧ୍ୟରୁ ଉର୍ଦ୍ଧ୍ୱ ୩୦୦ ଗିରଫ ହୋଇଥିଲେ । କେତେକ ଦଣ୍ଡିତ ଓ କେତେକ ମୁକ୍ତ ହୋଇଛନ୍ତି, ତାହାର ପ୍ରକୃତ ହିସାବ ନଥିଲେ ମଧ୍ୟ କେନ୍ଦ୍ରାପଡ଼ାର ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା, ଏଥିରେ ସନ୍ଦେହ ନାହିଁ । ନାରୀମାନଙ୍କର ତ୍ୟାଗ ଓ ଅଂଶଗ୍ରହଣ ମଧ୍ୟ ଇତିହାସରେ ଲିପିବଦ୍ଧ ହୋଇଅଛି ।

ଅହିଂସା ସଂଗ୍ରାମକୁ ଇଂରେଜ ହିଂସାରେ ପରିଣତ କରିଥିଲେ ମଧ୍ୟ ସେମାନେ ଦମନ କରିପାରିଲେ ନାହିଁ । ୧୯୪୭ ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନତା ଅର୍ପଣ କରି ଏ ମାଟିରୁ ବିଦାୟ ନେଇଥିଲେ । ତାହାହିଁ ଆମର ଗର୍ବ ଓ ଗୌରବ । ଏହି ସ୍ୱାଧୀନତାକୁ ଚିରକାଳ ଆୟୁଷ୍ମାନ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ ।

ଡଃ. ବାସୁଦେବ ଦାସଙ୍କ ରଚନାରୁ ସଂଗୃହୀତ



## SUCCESS OF WSHG IN RAJKANIKA

The members of Maa Tarini Women Self Help Group in Parimakundpur village of Rajkanika Block, Kendrapara district are being engaged in Agarbati production and sales since 2004. Initially they contributed Rs. 500 each to start the initiative. This Women Self Help Group is formed in 2004 under Mission Shakti with the help of 10 members. They have also named its brand as "KUSUM-100 Agarabati". Generally, they are selling their products in the local markets and earning a good profit. They have also participated in Pallishree Mela, conducted by Mission Shakti. The WSHG has a saving of Rs. 5.6 lakhs and individually the members are getting of Rs. 1500 per month as profit. And the annual turnover of this group is Rs. 1,87,000/-. Right now, all the members in this group are financially strong to support their children, for higher education. They have also conducted a training program for other WSHGs, as stated by them.







## CASE STUDY OF "MAMATA"

### Village Profile :

Magurgandapatana is revenue village under Chakroda G.P. under ICDS Project Kendrapara. The village has a population of around 1236 and Agricultural is found to be the main stay of their livelihood. The village is having a heterogenous community of SC & ST families and some families are migrated from the Dhenkanal, Angul and other parts of the state for years and years together. The economic base of the ST families is basically daily wage labour, cement works, construction works and brick making. In some of the families both the spouse of the family work together to support the economic need of the family. They have the ardent desire for income at an early age for which they engage their children in assisting in their work and ancillary activities. The women members in the family accompanies with her husband in brick making, Construction work by neglecting her own health even during Pregnancy & Lactation.

In order to evaluate the impact of MAMATA scheme on the health and nutrition aspect of a beneficiary, a case study was undertaken on Smt. Sukumari Gagarai, a beneficiary under the scheme.

### Beneficiary Profile :

Smt. Sukumari Gagarai, W/o- Babuna Gagarai belongs to the scheduled Tribe community of Magurgandpatana village under ICDS Project, Kendrapara of Kendrapara district. In order to supplement her husband's income, she worked as a daily labourer, yet it was very difficult on part of the couple to maintain a family of 4 members. At the age of 20 she conceived her child. When she was spotted by Smt. Anita Samal, the Anganwadi worker of the village while working in a road construction. She advised her to take rest and get herself registered in the Anganwadi centre. Although the idea of rest was a good thing for the mother and her intrauterine child, the husband opposed it, for he anticipated a loss of his family income. But he was happy to hear that his wife would get a benefit of Rs. 5000 for her pregnancy and begetting a child. The Anganwadi worked cited the example of another woman of the village who has been benefitted under MAMATA scheme. Accordingly, being motivated by the AWW she got herself registered on 08.02.2017, on that very date she was provided with a MCP card. It is also pertinent to mention here that during her pregnancy, she was a high risk mother as she was having the intrauterine presence of twin baby confirmed after ultrasound, it was really a challenge before her to overcome as she was not so aware of pregnancy care, the AWW, ASHA and ANM were carefully concentrating on her kept in touch with her with regular follow up.

Sukumari delivered twin baby (both Girl Child) with normal weight at DHH, Kendrapara. Subsequently the Child were vaccinated with BCG & 0 polio, breast feeding by the mother started within one hour of delivery. Both the child have been vaccinated with $1^{st}$, $2^{nd}$ and $3^{rd}$ dose of OPV, Pantavalent vaccine and after 9 months both the child have been vaccinated with measles and supplemented with Vitamin A solution. In addition to this birth registration of both the child has been recorded in the Birth register of the Hospital. After the discharge from the Hospital both the mother and child both are keeping fit at their home.

It is noteworthy to mention here that after fulfilling the conditions, Sukumari was getting the instalment wise cash from the Bank, with this the money she purchased fruits from the local market for her own consumption. In realising the importance of Nutrition, her husband didn't spend her MAMATA money in meeting the other necessities of the family. She has received Rs. 3000 towards $1^{st}$ instalment and Rs. 2000 towards $2^{nd}$ instalment in her Syndicate Bank account only after fulfilment of all the key health conditions by her at VHND and immunisation points which speaks of the health seeking behaviour part of the beneficiary which is key objective indicator of MAMATA Scheme.


### What Sukumari Gagrai Speaks…?

"It is due to the timely registration, health Check up and intake of iron & Folic Acid and other Medicines that I could overcome some of the common diseases like Anemia, fever and vomiting. The advice of Anganwadi didi, ANM and ASHA didi helped me a lot, I was completely ignorant of the same and bearing of twins child was a great experience for me, my pleasure I have named my both the child as Lakshmi & Saraswati. I took adequate rest despite the instruction of my mother-in-law to work during my pregnancy, I am happy that I have also received Rs. 5000 during such period which is great assistance for me" Sukumari said.

## ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ହ୍ୱିଲ୍ ଚେୟାର, ଟ୍ରାଇ-ସାଇକଲ ଓ ଭତ୍ତା ବଣ୍ଟନ

ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ସହ ସାମାଜିକ ସୁରକ୍ଷା ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଜୁଲାଇ ମାସ ୨୯ ତାରିଖ ଠାରୁ ଜିଲ୍ଲାପାଳ ଶ୍ରୀଯୁକ୍ତ ସମର୍ଥ ବର୍ମା, ଭା.ପ୍ର.ସେ.ଙ୍କ ପରାମର୍ଶ ମତେ ଆରମ୍ଭ ହୋଇଛି ।

ଗରଦପୁର ବ୍ଲକ୍‌ରେ ହୋଇଥିବା ଉପରୋକ୍ତ ଶୁଣାଣିରେ ଭିନ୍ନକ୍ଷମ ଶ୍ରୀକ୍ରିଷ୍ଣା ରାଉତ, ପିତା-ଅମର ରାଉତ, ଗ୍ରା-ପଳସୁଧାଙ୍କୁ ହ୍ୱିଲ୍ ଚେୟାର; ଜ୍ଞାନରଞ୍ଜନ ପତି, ଗ୍ରାମ-ଟିକନପୁରକ; ଲଲାଟେନ୍ଦୁ ସାମନ୍ତରାୟ, ଗ୍ରା-ପଦ୍ମପୁର; ଅଭୟ ପତି, ଗ୍ରା-ତଳକୁସୁମା; ହରେକୃଷ୍ଣ ରଥ, ଗ୍ରା-ପାରିକୁଣ୍ଡିଲ; ପ୍ରଦୀପ ମଲିକ, ଗ୍ରା-ବଡ଼ବେତରାଙ୍କୁ ଟ୍ରାଇ ସାଇକେଲ, ୨ ବର୍ଷ ବୟସର ଭିନ୍ନକ୍ଷମ (ମସ୍ତିଷ୍କ ପକ୍ଷାଘାତ) ଭବାନୀ ଶଙ୍କର ଓଝା, ପିତା- ଅନ୍ତର୍ଯ୍ୟାମୀ, ଗ୍ରା- ବଡ଼ବେତରାଙ୍କୁ ଭିନ୍ନକ୍ଷମ ବର୍ଦ୍ଧିତ ଭତ୍ତା, ଆଫ୍ରିନ ଖାତୁନ, ପିତା- ମଜଦୁଲ, ଗ୍ରା- ବଡ଼ନରେନ୍ଦ୍ରପୁରଙ୍କୁ ୩୦ ବର୍ଷରୁ ଉର୍ଦ୍ଧ୍ୱ ଅବିବାହିତ ମହିଳାଙ୍କ ପାଇଁ ଥିବା ମଧୁବାବୁ ପେନସନ; ଉର୍ମିଳା ଦାସ, ସ୍ୱାମୀ-୰ ଗୌତମ ଦାସ, ଗ୍ରା-ବନ୍ତଳାଙ୍କୁ ମଧୁବାବୁ ବିଧବା ଭତ୍ତା, ଏହା ସହ ଅନ୍ୟ ୧୨ ଜଣଙ୍କୁ ବାର୍ଦ୍ଧକ୍ୟ, ବିଧବା ଆଦି ଭତ୍ତା ପ୍ରଦାନ କରାଯାଇଥିଲା ଯାହା ସରକାରଙ୍କ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଓ ନୂତନ RPwD Act 2016 କିପରି ସାଧାରଣ ଭିନ୍ନକ୍ଷମଙ୍କ ପାଇଁ କାର୍ଯ୍ୟରେ ଆସୁଛି ତାହା ପରିପ୍ରକାଶ କରେ ।






## ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ଶିକ୍ଷାବୃତ୍ତି - 'ବାଣିଶ୍ରୀ' ପ୍ରଦାନ

ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ବାଣିଶ୍ରୀ ଶିକ୍ଷାବୃତ୍ତି ଯୋଜନା ଅଧୀନରେ ୧ମ ଠାରୁ ସ୍ନାତକୋତ୍ତର ବା ଯେକୌଣସି ବୈଷୟିକ ଶିକ୍ଷା ଗ୍ରହଣ କରୁଥିବା ପିଲାଙ୍କ ପାଇଁ ମାସିକ ନିର୍ଦ୍ଦିଷ୍ଟ ହାରରେ ବୃତ୍ତି ପ୍ରଦାନ କରାଯାଇଥାଏ । ଏହା ଏକ ଶିକ୍ଷା ବର୍ଷରେ ମୋଟ୍ ୧୦ ମାସ ପାଇଁ ପ୍ରଦାନ କରାଯିବାର ବିଧି ରହିଅଛି । ୭୫%ରୁ ଅଧିକ ଶାରିରୀକ ଅକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ଗମନାଗମନ ଭତ୍ତା, ୧୦୦% ଦୃଷ୍ଟିହୀନଙ୍କ ପାଇଁ ସହାୟକ ଭତ୍ତା ମଧ୍ୟ ଉପଲବ୍ଧ । ପାରିବାରିକ ବାର୍ଷିକ ଆୟ ଟ. ୬୦,୦୦୦ ଙ୍କା ମଧ୍ୟରେ ବା ବି.ପି.ଏଲ୍ ପରିବାରର ସମସ୍ତ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଅନ୍ୟ କୌଣସି ବୃତ୍ତି ପାଉନଥିଲେ ଏହା ପାଇବାକୁ ହକଦାର ଅଟନ୍ତି । ବ୍ଲକ୍‌ସ୍ତରରେ ୧ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ସମ୍ପୃକ୍ତ ବି.ଡ଼ି.ଓ, ଉଚ୍ଚତର ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀ ତଥା ପୌରସଂସ୍ଥା ଅଞ୍ଚଳରେ ପଢୁଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଉପ-ଜିଲ୍ଲାପାଳ ଉକ୍ତ ବୃତ୍ତି ମଞ୍ଜୁରି କରାଇଥାନ୍ତି । ସମ୍ପ୍ରତି ଗରଦପୁର ବ୍ଲକ୍‌ରେ ମୋଟ୍ ୯୦ ଜଣଙ୍କୁ ୧ମରୁ ୧୦ମ ମଧ୍ୟରେ ଉକ୍ତ ବୃତ୍ତି ପ୍ରଦାନ କରାଯାଇଥିବାବେଳେ ତା ୨୯.୦୭.୨୦୧୯ ରିଖ ଦିନ ଜିଲ୍ଲାପାଳ ଶ୍ରୀଯୁକ୍ତ ସମର୍ଥ ବର୍ମା, ଭା.ପ୍ର.ସେ.ଙ୍କ ଉପସ୍ଥିତିରେ ବ୍ଲକ୍ ଅଧ୍ୟକ୍ଷ, ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଆଦି ନିମ୍ନୋକ୍ତ ଛାତ୍ରଛାତ୍ରୀମାନଙ୍କୁ ବାଣିଶ୍ରୀ ଚେକ୍ ପ୍ରଦାନ କରି ଆଗାମୀ ବର୍ଷରେ ଭଲ ପାଠ ପଢ଼ିବା ସହ ଏହି ସୁଯୋଗ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଉକ୍ତ ଦିନ ଭିନ୍ନକ୍ଷମ ଛାତ୍ର ଶ୍ରୀ ସୌରଭ ନାୟକ, ପିତା-ପ୍ରଶାନ୍ତ ନାୟକ, ଗ୍ରା-ତଳକୁସୁମା ଓ ଶ୍ରୀ ରୁଦ୍ରନାରାୟଣ ସାହୁ, ପିତା- ମଥୁରାନନ୍ଦ, ଗ୍ରା- ନୂଆପଡ଼ା, ବ୍ଲକ୍-ଗରଦପୁରଙ୍କୁ ୧୦ ମାସର ଶିକ୍ଷାବୃତ୍ତି ବାବଦକୁ ଟ. ୨୫୦୦ଙ୍କା ଲେଖାଏଁ ଚେକ୍ ପ୍ରଦାନ କରାଯାଇଥିଲା ।




## ଭିନ୍ନକ୍ଷମ ପିତାମାତାଙ୍କ ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ପିଲାଙ୍କୁ ଶିକ୍ଷାବୃତ୍ତି ପ୍ରଦାନ

ସମ୍ପ୍ରତି ରାଜ୍ୟ ସରକାର ଭିନ୍ନକ୍ଷମଙ୍କ କଲ୍ୟାଣ ପାଇଁ ବହୁବିଧ କାର୍ଯ୍ୟକ୍ରମ, ଯୋଜନା ପ୍ରଣୟନ କରିଥିଲେ ମଧ୍ୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଅଧୀନରେ ଥିବା ଏହି ଶିକ୍ଷାବୃତ୍ତି ଜଣେ ଭିନ୍ନକ୍ଷମ ପିତାମାତାଙ୍କୁ ତାହାର ଯୋଗ୍ୟ ସନ୍ତାନ ସନ୍ତତିଙ୍କୁ ଉଚ୍ଚଶିକ୍ଷା ଗ୍ରହଣ କରାଇବାରେ ଏକ ଆଶା ବାଡ଼ି ସାଜିଛି । ଯେଉଁ ଭିନ୍ନକ୍ଷମ ବ୍ୟକ୍ତି ଭଲରେ ନିଜର ପରିବାରକୁ ଚଳାଇ ପାରେ ନାହିଁ ପିଲାଙ୍କୁ ଉଚ୍ଚଶିକ୍ଷା ଦେବା ଏକ ଦିବାସ୍ୱପ୍ନ ଥିଲା କିନ୍ତୁ ଏହି ଯୋଜନା ଅଧୀନରେ କିଭଳି ଭିନ୍ନକ୍ଷମ ପିତାମାତା ତାଙ୍କ ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ପିଲାମାନଙ୍କୁ ବଡ଼ ବଡ଼ ଶିକ୍ଷାନୁଷ୍ଠାନରେ ପଢ଼ାଇ ମଣିଷ କରାଇ ପାରୁଛନ୍ତି ତାହା ଉକ୍ତ ଉଦାହରଣରୁ ନିଆ ଯାଇପାରେ । ଗରଦପୁର ବ୍ଲକ୍ ମହମ୍ମଦପୁର ଗ୍ରାମର ବିପିନ ବିହାରୀ ଜେନା ଜଣେ ଶ୍ରବଣ ବାଧିତ ବ୍ୟକ୍ତି । ତାଙ୍କର ରୋଜଗାର ମଧ୍ୟ ସେଭଳି କିଛି ନାହିଁ କିନ୍ତୁ ଉଚ୍ଚଶିକ୍ଷା ଗ୍ରହଣ କରିବାକୁ ନିଜର ପୁତ୍ର ଶ୍ରୀ ବାସୁଦେବ ଜେନାଙ୍କୁ ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ ବୈଷୟିକ ଶିକ୍ଷାନୁଷ୍ଠାନ KIIT ରେ ନାମ ଲେଖାଇବାର ପ୍ରୟାସ କରାଇଥିଲେ । ବାସୁଦେବ ଜଣେ ମେଧାବୀ ଛାତ୍ର ହୋଇଥିବାରୁ ନିଜେ ଅନ୍ୟମାନଙ୍କୁ ଟ୍ୟୁସନ୍ କରାଇ ଖର୍ଚ୍ଚ ଭରଣା କରୁଥିଲେ ମଧ୍ୟ ଉକ୍ତ ଯୋଜନାରେ ତାଙ୍କୁ ଏକକାଳୀନ ଶିକ୍ଷାବୃତ୍ତି ବାବଦକୁ ଟ. ୫୦,୦୦୦ ଙ୍କାର ଚେକ୍ ପ୍ରଦାନ କରାଯାଇ ଆଗକୁ ଯିବାର ଏକ ସୁନ୍ଦର ପଥ ଜିଲ୍ଲା ପ୍ରଶାସନ ତାଙ୍କୁ ଦେଇ ପାରିଛି । ସେହିଭଳି ବଙ୍ଗାରି ଗ୍ରାମର ଅମରେନ୍ଦ୍ର ସ୍ୱାଇଁଙ୍କ ପୁତ୍ର ଚିତ୍ତରଞ୍ଜନ ସ୍ୱାଇଁଙ୍କୁ ଟ. ୩୬୬୦ ଙ୍କା, ବରହମପୁର ଗ୍ରାମର ଭିନ୍ନକ୍ଷମ ରତନ ନାୟକଙ୍କ ଝିଅ ଦେବଯାନୀ ନାୟକଙ୍କୁ ଟ. ୪୧୩୧ ଙ୍କା, ଡେରାବିଶ ବ୍ଲକ୍‌ର ନୀଳକଣ୍ଠପୁର ଗ୍ରାମର ଶ୍ରବଣ ବାଧିତ ସନ୍ତୋଷ ବିଶ୍ୱାଳଙ୍କ ପୁତ୍ର ଧନଞ୍ଜୟ ବିଶ୍ୱାଳଙ୍କୁ ଟ. ୨୧,୫୪୯ଙ୍କା ସହ ଜିଲ୍ଲାରେ ମୋଟ୍ ୪୩ ଜଣଙ୍କୁ ଏଭଳି ଶିକ୍ଷାବୃତ୍ତି ପ୍ରଦାନ କରାଯାଇ ସରକାରୀ ଯୋଜନାକୁ ଲୋକାଭିମୁଖୀ କରାଇବାରେ ଜିଲ୍ଲା ପ୍ରଶାସନ ସକ୍ଷମ ହୋଇପାରିଛି ।




## ନିରାଶ୍ରୟ ପିଲାମାନଙ୍କ କଲ୍ୟାଣରେ ଶିଶୁ ସୁରକ୍ଷା ଯୋଜନା

ସମାଜର ଅବହେଳିତ, ଅସହାୟ ଜଣେ ଉଚ୍ଚଶିକ୍ଷା ଗ୍ରହଣ କରିବାକୁ ଇଚ୍ଛୁକ ୧୮ ବର୍ଷ ବୟସରୁ ଉର୍ଦ୍ଧ୍ୱ ବାଳିକାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଅଧିକ ପଢ଼ିବା ନିମନ୍ତେ ଟ. ୧୦,୦୦୦ ଙ୍କାର ସହାୟତା ପ୍ରଦାନ କରାଯାଇଛି । ପ୍ରକାଶ ଥାଉକି, ସରସ୍ୱତୀ ଲେଙ୍କାଙ୍କର ପିତା ୰ ଯୁଧିଷ୍ଠିର ଲେଙ୍କା, ଗ୍ରାମ-ମାନପାଟଣା, ଗ୍ରା.ପ.-ପୁରୁଷୋତ୍ତମପୁର, ବ୍ଲକ୍-କେନ୍ଦ୍ରାପଡ଼ା ୨୦୧୮ ମସିହାରେ ମୃତ୍ୟୁବରଣ କରିଛନ୍ତି । ସେ ପୂର୍ବରୁ ଦୁରାରୋଗ୍ୟ ବ୍ୟାଧିରେ ଆକ୍ରାନ୍ତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ ।

ତାଙ୍କ ମା' ମଧ୍ୟ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି, ଭାଇ ଜଣେ ସାଧାରଣ ଦିନମଜୁରିଆ, ସରସ୍ୱତୀର ପାଠ ପଢ଼ିବା ପ୍ରତି ଥିବା ଆଗ୍ରହ ଦେଖି ବିଗତ ୨ ବର୍ଷ ତଳେ ଜିଲ୍ଲା ପ୍ରଶାସନର ଦୃଷ୍ଟିକୁ ଆସି ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ତରଫରୁ ପୃଷ୍ଠପୋଷକତା ଯୋଜନାରେ ସାମିଲ କରାଯାଇ ମାସିକ ଟ. ୨୦୦୦ ଙ୍କା କରି ଆର୍ଥିକ ପ୍ରୋତ୍ସାହନ ଦିଆଯାଉ ଥିଲା । ୧୮ ବର୍ଷ ହୋଇଯିବାରୁ ତାଙ୍କୁ ଏହି ଯୋଜନାରେ ସହାୟତା ବନ୍ଦ କରାଗଲା । ଜିଲ୍ଲାପାଳଙ୍କୁ ଗୁହାରି କରିବାରୁ ତା'ର ଉଚ୍ଚତର ଶିକ୍ଷା ନିମନ୍ତେ ଉପରୋକ୍ତ ରାଶି ପ୍ରଦାନ କରାଯାଇ ଆଗକୁ ପଢ଼ିବା ପାଇଁ ଏକ ପଥ ଜିଲ୍ଲା ପ୍ରଶାସନ ଦେଇ ପାରିଛି । ଏହା ଦ୍ୱାରା ଜଣେ ମେଧାବୀ ଛାତ୍ରୀ ଉଚ୍ଚଶିକ୍ଷା ଗ୍ରହଣ କରିବା ସହ ନିଜ ଗୋଡ଼ରେ ନିଜେ ଠିଆହେବାକୁ ଯୋଜନା କରିପାରୁଛି ।



## ଓଜେଇଇ ଜିଲ୍ଲା ଟପ୍ପରଙ୍କୁ ସମ୍ବର୍ଦ୍ଧନା

ରାଜକନିକା ବ୍ଲକ୍ ଅନ୍ତର୍ଗତ ବାରିଲିଆପଡ଼ା ହାବିଳଗଣ୍ଡ ପଞ୍ଚାୟତ ଅନ୍ତର୍ଗତ ମିର୍ଜାପୁର ଗ୍ରାମର ଅଜୟ ଅରଜିତ ରାଉତ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷାରେ ଓଡ଼ିଶାରେ ମେକାନିକାଲ ଇଂଜିନିୟରିଂ ବିଭାଗ ପାଇଁ ଓଜେଇଇ ପ୍ରବେଶିକା ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଏହି କୃତି ଛାତ୍ରଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ସମର୍ଥ ବର୍ମା ମାନପତ୍ର, ଉପଢ଼ୌକନ ଦେଇ ସମ୍ମାନିତ କରିଛନ୍ତି । ଭୁବନେଶ୍ୱରସ୍ଥିତ କଲେଜ ଅଫ୍ ଇଂଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରେ ନାମ ଲେଖାଇବା ପାଇଁ ତାଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଥମ ବର୍ଷର ନାମ ଲେଖାଇବା ବାବଦ ସମସ୍ତ ଖର୍ଚ୍ଚ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ବର୍ମା ସୂଚନା ଦେଇଥିଲେ । ଏ ବାବଦରେ ଜିଲ୍ଲାପାଳ ତାଙ୍କୁ ୩୪ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ । ସମ୍ବର୍ଦ୍ଧନା ଉତ୍ସବରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟ ଓ ଜିଲ୍ଲା ଶିକ୍ଷା ବିଭାଗର ସମସ୍ତ କର୍ମକର୍ତ୍ତା ଏବଂ ସମସ୍ତ ବ୍ଲକ୍ ଶିକ୍ଷା ଅଧିକାରୀମାନେ ଉପସ୍ଥିତ ଥିଲେ । ଶ୍ରୀ ରାଉତ ୨୦୧୫ରେ ମାଟ୍ରିକ୍ ପରୀକ୍ଷାରେ ୭୨ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ପରେ ଛତାସ୍ଥିତ କେନ୍ଦ୍ରାପଡ଼ା ସରକାରୀ ପଲିଟେକ୍ନିକରେ ମେକାନିକାଲ ଡିପ୍ଲୋମା ଇଂଜିନିୟରିଂରେ ୨୦୧୮ରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ସ୍ନାତକ ବୈଷୟିକ ଶିକ୍ଷା ନିମନ୍ତେ ଚଳିତ ବର୍ଷ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ଦେଇଥିଲେ । ରେଣୁପ୍ରଭା ରାଉତ ଓ ଅଜୟ ରାଉତଙ୍କ ପୁତ୍ର ଅରଜିତ କହିଛନ୍ତି କଠିନ ପରିଶ୍ରମ ଓ ଯୋଜନାବଦ୍ଧ ଭାବେ ପାଠ ପଢ଼ିଲେ ସଫଳତା ହାସଲ ସମ୍ଭବ ହେବ ।



## ସଫଳ ଚାଷୀଙ୍କ କାହାଣୀ

ସତ୍ୟବ୍ରତ ମହାନ୍ତି, ଗ୍ରାମ - ପୁରୁଷୋତ୍ତମପୁର, ବ୍ଲକ - କେନ୍ଦ୍ରାପଡ଼ା ସଦର ସରକାରୀ ସହାୟତାରେ ଏକ ହେକ୍ଟର ଜଳାୟତନ ବିଶିଷ୍ଟ ପୋଖରୀ ଖୋଳିଥିଲେ ଯାହାର ପ୍ରକଳ୍ପ ମୂଲ୍ୟ ୪ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା ଓ ଏନଏମପିଏସ ସ୍କିମ (RKVY ର NMPS) ରେ ୨ଲକ୍ଷ ଟଙ୍କାର ସରକାରୀ ସହାୟତା ବ୍ୟବସ୍ଥା ଥିଲା । ସେ ଏକ ହେ ପୋଖରୀରେ ୧୦,୦୦୦ମୁଣ୍ଡା ଯାଆଁଳ ଛାଡି ସ୍ଥାନୀୟ ସହକାରୀ ମତ୍ସ୍ୟ ଅଧିକାରୀଙ୍କ ପରାମର୍ଶ ଅନୁଯାଇ ମୋଟ ୨୦୦,୦୦୦ଟଙ୍କାର ଖାଦ୍ୟ, ସାର ଇତ୍ୟାଦି ବାବଦକୁ ଖର୍ଚ୍ଚ କରିଥିଲେ ଓ ଆର୍ଥିକ ବର୍ଷ ଶେଷରେ ୨.୫ଲକ୍ଷ ଟଙ୍କାର ଲାଭ ପାଇଥିଲେ । ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଶ୍ରୀ ପୀତାମ୍ବର ମହାନ୍ତି, ନାରାୟଣ ସାଇଁ, ବଳୀନ୍ଦ୍ର ଦାସ, ରବୀନ୍ଦ୍ର ବେହେରା, ନିରଞ୍ଜନ ମହାନ୍ତି ଆଦି ମାଛ ଚାଷ ନିମନ୍ତେ ଆଗ୍ରହ ପ୍ରକାଶ କରି ପ୍ରକଳ୍ପ ମାନ ଉକ୍ତ ସ୍ଥାନର ୨ ହେକ୍ଟର ପରିମିତ ମାଛ ଚାଷ ପୋଖରୀ ସରକାରଙ୍କର ମତ୍ସ୍ୟ ପୋଖରୀ ଯୋଜନା (MPY) ଅନ୍ତର୍ଗତ ଖନନ କରାଯାଇଛି । ଆଗାମୀ ଦିନରେ ଏହି ସ୍ଥାନରେ ଥିବା ଅନେକ ଚାଷୀ ମଧ୍ୟ ପୋଖରୀ ଖୋଳିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଯୁବ ସମାଜ ପାଇଁ ସେ ପ୍ରେରଣାର ଉତ୍ସ ଭାବେ ପରିଚିତ ।

ଜିଲ୍ଲା ମତ୍ସ୍ୟ ଅଧିକାରୀ, କେନ୍ଦ୍ରାପଡ଼ା

## କେନ୍ଦ୍ରାପଡ଼ା ଠାରେ ସଖୀ (ୱାନ୍ ଷ୍ଟପ୍ ସେଣ୍ଟର) ଉଦ୍‌ଘାଟିତ

ହଜାରିବଗିଚା କେନ୍ଦ୍ରାପଡ଼ା ଠାରେ ଭାରତ ସରକାରଙ୍କ 'ସଖୀ' (ୱାନ୍ ଷ୍ଟପ୍ ସେଣ୍ଟର) ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି ସେଣ୍ଟର୍‌ର ଉଦ୍ଦେଶ୍ୟ ହେଉଛି ନିର୍ଯ୍ୟାତିତ ମହିଳା ଏବଂ ବାଳିକା (୧୮ ବର୍ଷ ବୟସରୁ କମ୍) ମାନଙ୍କ ସମନ୍ୱିତ ସହଯୋଗ ନିମନ୍ତେ ଏହା ୨୪ ଘଣ୍ଟା କାର୍ଯ୍ୟ କରିବ । ଏତଦ୍ୱାରା ନିର୍ଯ୍ୟାତିତ ମହିଳା ବା ବାଳିକା ଗୋଟିଏ ଛାତ ତଳେ ପୋଲିସ ସହାୟତା, ଡାକ୍ତରୀ ସହାୟତା, ଆଇନଗତ ସହାୟତା, ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶର ଆଶ୍ରୟ ଦିଆଯିବ । ବିଶେଷ ଭାବରେ ବଳାତ୍କାର, ଅପହରଣ, ନିଖୋଜ, ପାରିବାରିକ ହିଂସା, ଏସିଡ୍ ଆକ୍ରମଣ, ଯୌନ ଉତ୍ପୀଡ଼ନ, ଶୋଷଣ, ମହିଳା ଚାଲାଣ, ଶିଶୁ ଯୌନ ଉତ୍ପୀଡ଼ନ, ବାଲ୍ୟ ବିବାହ, ସାଇବର କ୍ରାଇମ, ଯୌତୁକ ନିର୍ଯ୍ୟାତନା ଓ ମୃତ୍ୟୁ ଏବଂ ଅନ୍ୟାନ୍ୟ ହିଂସାର ପୀଡ଼ିତା ମହିଳା ବା ବାଳିକା ଏହାର ସୁଯୋଗ ନେଇପାରିବେ । ଏହାର ନିଃଶୁଳ୍କ ମୋବାଇଲ ନଂ- ୯୯୩୮୭୮୫୩୬୧ରେ ପୀଡ଼ିତା ଯୋଗାଯୋଗ କରି ସହାୟତା ନେଇ ପାରିବେ । ମହିଳା ଓ ଶିଶୁ ବିଭାଗ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା 'ଗୀତା ସ୍ୱେଚ୍ଛାସେବୀ ଅନୁଷ୍ଠାନ' ଏହାର ପରିଚାଳନା କରିବେ ।




ମୁଖ୍ୟ ଅତିଥି ତଥା ଉଦ୍‌ଘାଟକ ଜିଲ୍ଲାପାଳ ସମର୍ଥ ବର୍ମା ଉଦ୍‌ବୋଧନରେ ୱାନ୍ ଷ୍ଟପ୍ ସେଣ୍ଟର୍‌ରେ ନିର୍ଯ୍ୟାତିତ ମହିଳା ବା ବାଳିକା ଗୋଟିଏ ସ୍ଥାନରେ ନିର୍ଭୟରେ ଆଇନ ସହାୟତା, ପୋଲିସ ସହାୟତା, ଚିକିତ୍ସା ସହାୟତା ସହ ସମସ୍ତ ପ୍ରକାର ସହାୟତା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପୀଡ଼ିତା ନଯାଇ ସମସ୍ତ ସେବାର ଉକ୍ତ ଯୋଜନାରେ ଉପଲବ୍ଧ ସେବା ପାଇ ପାରିବେ ବୋଲି ପ୍ରକାଶ କରିଥିଲେ । ଖୁବ୍ ଶୀଘ୍ର ଇଚ୍ଛାପୁର ଠାରେ ନୂତନ ଡାକ୍ତରଖାନା ପ୍ରତିଷ୍ଠା ହେଲେ ଏହି 'ସଖୀ' ଅନୁଷ୍ଠାନ ସ୍ଥାନାନ୍ତର କରାଯିବ ବୋଲି ଜିଲ୍ଲାପାଳ ମଧ୍ୟ ପ୍ରକାଶ କରିଥିଲେ ।

କାର୍ଯ୍ୟକ୍ରମରେ ଲିଗାଲ ସେଲ କାଉନ୍‌ସିଲର ସଚିବ ମଳୟ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡଃ ମିର୍ଜା ବାବର ବେଗ, ଉପଖଣ୍ଡ ପୋଲିସ ଅଧିକାରୀ ରାଜୀବ ଲୋଚନ ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ଉଦ୍‌ବୋଧନ ରଖିଥିବା ବେଳେ ସଭାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଚିନ୍ମୟ ରଥ ସଭାପତିତ୍ୱ କରିଥିଲେ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । 'ଗୀତା' ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର, ସିଡ଼ିପିଓ, ଅଙ୍ଗନବାଡ଼ି କର୍ମୀ, ଲିଗାଲ ଖାଉଟି ସେଲ୍‌ର କର୍ମକର୍ତ୍ତା ଯୋଗ ଦେଇଥିଲେ ।

## କେନ୍ଦ୍ର ସରକାରଙ୍କ ଜଳଶକ୍ତି ଅଭିଯାନ କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକ

କେନ୍ଦ୍ର ସରକାରଙ୍କ ଜଳଶକ୍ତି ଅଭିଯାନ କାର୍ଯ୍ୟକ୍ରମ ଜିଲ୍ଲାରେ କାର୍ଯ୍ୟ କରିବା ପାଇଁ ଭାରତ ସରକାରଙ୍କ ବୟନ ଶିଳ୍ପ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଶ୍ରୀ ସଞ୍ଜୟ ସରନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଖସଡ଼ା ସମ୍ପର୍କରେ ଆଲୋଚିତ ହୋଇଥିଲା । ଏହି ଅଭିଯାନ କେନ୍ଦ୍ରାପଡ଼ା ଜିଲ୍ଲାରେ ଅଗଷ୍ଟ ୧ ତାରିଖରୁ ସେପ୍ଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିବ । ଏହି ପରିପ୍ରେକ୍ଷୀରେ ଭୂପୃଷ୍ଠରେ ଥିବା ଜଳକୁ ସଂରକ୍ଷଣ କରି ରଖିବା, ବର୍ଷାଜଳ ଅମଳ କରିବା, ବ୍ୟାପକ ବୃକ୍ଷରୋପଣ କରାଇବା, ଭୂପୃଷ୍ଠରେ ଥିବା ଲୁଣି ପାଣି ଅଞ୍ଚଳକୁ ଚିହ୍ନଟ କରିବା, ପୁରାତନ ଓ ପାରମ୍ପରିକ ଜଳଉତ୍ସ ତଥା କୂପ, ପୋଖରୀ ଆଦିର ପୁନରୁଦ୍ଧାର କରିବା, ବୋର୍‌ୱେଲ ମାଧ୍ୟମରେ ଜଳକୁ ଭୂଗର୍ଭକୁ ଛାଡ଼ି ପୁନଶ୍ଚ ବ୍ୟବହାର ଉପଯୋଗୀ କରିବା ଆଦି ବିସ୍ତୃତ କାର୍ଯ୍ୟକ୍ରମ ତଥା ଜଳଛାୟା ପ୍ରକଳ୍ପ କୁ ଜିଲ୍ଲାରେ ଉନ୍ନତିକରଣ କରିବା ସହ ବ୍ୟାପକ ବନୀକରଣ ଓ ବୃକ୍ଷ ରୋପଣର ବିଭିନ୍ନ କାର୍ଯ୍ୟ ଖସଡ଼ା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । 'ଜଳଶକ୍ତି ଅଭିଯାନ' କାର୍ଯ୍ୟକ୍ରମକୁ ପ୍ରଥମ ପର୍ଯ୍ୟାୟରେ ତ୍ୱରାନ୍ୱିତ କରିବା ଜନିତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ସମସ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ / ଅଧ୍ୟକ୍ଷା, ପୌର ପରିଷଦ ନିର୍ବାହୀ ଅଧିକାରୀ, ବନ ବିଭାଗ, କୃଷି ଓ କୃଷି ଗବେଷଣା କେନ୍ଦ୍ର ବିଭାଗ, ମୃତ୍ତିକା ସଂରକ୍ଷଣ ଏବଂ ପାନୀୟ ଜଳ ଯୋଗାଣର ଅଧିକାରୀମାନେ ରହିଅଛନ୍ତି । ପ୍ରାରମ୍ଭରେ ଜିଲ୍ଲାପାଳ ସମର୍ଥ ବର୍ମା କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ଦୁଇଗୋଟି ପୌରାଞ୍ଚଳ ବ୍ୟତୀତ ଜିଲ୍ଲାର ୯ ଗୋଟି ବ୍ଲକ୍ ୨୪୯ ଗୋଟି ଗୋଟି ପଞ୍ଚାୟତ ରହିଛି । ୨୦୧୧ ମସିହା ଜନଗଣନା ଅନୁଯାୟୀ ଜିଲ୍ଲାର ଲୋକସଂଖ୍ୟା ୧୪,୨୬,୪୨୪ ଥିବା ବେଳେ ଜିଲ୍ଲାରେ ମୋଟ ୧୪୨୪ ଗ୍ରାମ ରହିଛି ଏବଂ ୨୨୬୧ ଗୋଟି ଜଳାଶୟ ଅଦ୍ୟାବଧି ରହିଛି । ଜିଲ୍ଲା ସମୁଦ୍ର ଉପକୂଳ ହୋଇଥିବାରୁ ଉପକୂଳ ଜଳରାଶି ଲବଣ ଦ୍ରବଣ ଯୁକ୍ତ । ଜିଲ୍ଲାରେ ଜଳୀୟ ଆର୍ଦ୍ରତା ବର୍ଷା ଋତୁରେ ୩୨% ରହିଥାଏ । ଜିଲ୍ଲାରେ ଜଳଛାୟା ମିଶନ ମାଧ୍ୟମରେ କୌଣସି ସରକାରୀ କାର୍ଯ୍ୟାଳୟରେ ଜଳ ସଂରକ୍ଷଣ ଉତ୍ସ ନାହିଁ । ଏଣୁ ଜଳଶକ୍ତି ଅଭିଯାନ କାର୍ଯ୍ୟକ୍ରମ ପାଇଁ ତୃଣମୂଳ ସ୍ତରରୁ ବ୍ୟାପକ ପ୍ରଚାର ଓ ପ୍ରସାର କରାଯିବ । କାର୍ଯ୍ୟକ୍ରମ ସମ୍ପର୍କରେ ଖବର କାଗଜ ଇଂରାଜୀ ଓ ଓଡ଼ିଆ ମାଧ୍ୟମରେ ବ୍ୟାପକ ପ୍ରଚାର ଓ ପ୍ରସାର କରାଯାଇ ଜନସଚେତନତା କରାଯିବ । ବ୍ଲକ୍, ଗ୍ରାମପଞ୍ଚାୟତ ଏବଂ ଜିଲ୍ଲାସ୍ତରରେ କର୍ମଶାଳା ଆୟୋଜନ କରାଯିବା ସହ କାନ୍ଥରେ ବାର୍ତ୍ତା, ପୋଷ୍ଟର ଓ ବ୍ୟାନର ମାଧ୍ୟମରେ ତଥା ବିଦ୍ୟାଳୟ ଓ ମହାବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ 'ଜଳ ଶକ୍ତି ଅଭିଯାନ' ସଚେତନତା ବକ୍ତୃତା ପ୍ରତିଯୋଗିତା କରାଯାଇ ବାର୍ତ୍ତାର ସଂଚାର କରାଯିବ । ପୌରାଞ୍ଚଳରେ ବର୍ଜ୍ୟଜଳକୁ ଶୁଦ୍ଧିକରଣ କରାଯାଇ ପୁନଶ୍ଚ ବ୍ୟବହାର ଉପଯୋଗୀ କରାଯିବା ନିମନ୍ତେ ବୈଠକରେ ଆଲୋଚନା କରାଯାଇଥିଲା । ଗୋବରୀ ନଦୀର ଜଳ ଧାରଣ କ୍ଷମତା ବଢ଼ାଇବା ପାଇଁ ଦୁଇପାଖ କଂକ୍ରିଟ୍ କରାଯିବା ନିମନ୍ତେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ସେହିପରି କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଚାଷୀମାନଙ୍କୁ ନେଇ ସ୍ୱଳ୍ପ ସମୟରେ ଶସ୍ୟ ଅମଳ କରିବା ତଥା ଜଳର ସଂରକ୍ଷଣ ଓ ବ୍ୟବହାର ଜନିତ କର୍ମଶାଳା ଆୟୋଜନ କରାଯିବ ।

ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ଡିଆରଡିଏ ଶ୍ରୀ ଦିଲ୍ଲୀପ କୁମାର ପରିଡ଼ା; ଡିଏଫ୍‌ଓ କଟକ ଏମ୍.ଡି.ଟି. ରହେମାନ; ଡିଏଫ୍‌ଓ ରାଜନଗର ଶ୍ରୀ ବିମଳ ପ୍ରସାଦ ଆଚାର୍ଯ୍ୟ; ଉପନିର୍ଦ୍ଦେଶକ, କୃଷି ମିତ୍ରୋଦୟ ଦାସ; ନିର୍ବାହୀଯନ୍ତ୍ରୀ ଡ୍ରେନେଜ୍, କେନ୍ଦ୍ରାପଡ଼ା, ବିଡ଼ିଓ, କେନ୍ଦ୍ରାପଡ଼ା ସୁଧୀର କୁମାର ସିଂ; ବରିଷ୍ଠ କୃଷି ବିଜ୍ଞାନୀ ଏବଂ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଚନ୍ଦ୍ରକାନ୍ତ ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ଜିଲ୍ଲା ଜଳ ଯୋଗାଣ ଓ ପରିମଳ ନିର୍ବାହ ଯନ୍ତ୍ରୀଙ୍କ ସହ ବିଭିନ୍ନ ବିଭାଗର ପଦାଧିକାରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପଟ୍ଟାମୁଣ୍ଡାଇର ସଫଳ ଚାଷୀ : ଅନ୍ତର୍ଯ୍ୟାମୀ

ଓଡ଼ିଶା ମାନଚିତ୍ରରେ କେନ୍ଦ୍ରାପଡ଼ା ଜିଲ୍ଲା ଅଧିନସ୍ଥ ପଟ୍ଟାମୁଣ୍ଡାଇ ବ୍ଲକ୍‌ର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଏଠାକାର ଲୋକମାନେ ସାଧାରଣତଃ କୃଷି ଉପରେ ନିର୍ଭର କରିଥାନ୍ତି । ବନ୍ୟାବାତ୍ୟା ଏହି ଜିଲ୍ଲାର ଚାଷୀମାନଙ୍କ ମେରୁଦଣ୍ଡ ବାରମ୍ବାର ଭାଙ୍ଗି ଚାଲିଥିଲେ ମଧ୍ୟ ପଟ୍ଟାମୁଣ୍ଡାଇ ବ୍ଲକ୍‌ର ଆଉ ଜଣେ ସଫଳ ଚାଷୀର ସଫଳତା ବିଷୟରେ ଏ ଠାରେ ଉଲ୍ଲେଖ କରାଯାଇଛି ।

ଶ୍ରୀ ଅନ୍ତର୍ଯ୍ୟାମୀ ଖୁଣ୍ଟିଆ, ପିତା-କସ୍ତୁରୀ ଚରଣ, ଶ୍ରୀରାମପୁର ପାଳପାଟନା ବାସିନ୍ଦା । ସେ ପଟ୍ଟାମୁଣ୍ଡାଇର ଗୋଟେ ଆଗଧାଡ଼ିର ଚାଷୀ ହୋଇଥିବାରୁ ତାଙ୍କର ପରିଚୟ ଓ ଖ୍ୟାତି ପଟ୍ଟାମୁଣ୍ଡାଇକୁ ଗୋଟେ ସ୍ୱତନ୍ତ୍ର ପରିଚୟ ଦେଇପାରିଛି । ସମନ୍ୱିତ କୃଷି ସହିତ ମାଛଚାଷ ମଧ୍ୟ କରି ନିଜକୁ ଜଣେ ଚାଷୀର ପରିଚୟ ଦେଇ ପାରିଛନ୍ତି ।

ତାଙ୍କର ୭.୫ ଏକର ଧାନ ଚାଷ, ୧.୦ ଏକର ପନିପରିବା ଓ ୦.୫୦ ଏକରର ଗୋଟିଏ ପୋଖରୀ ଅଛି । ସେ ସେହି ଜମିରେ ପନିପରିବା, ଫୁଲ, ଆମ୍ବ, ଅମୃତଭଣ୍ଡା, କଦଳୀ, ପିଜୁଳି ପରି ଅନେକ ଗଛ ତାଙ୍କର ବଗିଚାରେ ଲଗାଇଛନ୍ତି । ପାଖାପାଖି ୭.୫ ଏକର ଧାନରୁ ୭୨୦୦୦/- ଟଙ୍କା ବ୍ୟୟ କରି ୧,୭୦୦୦୦/- ଟଙ୍କା ଆୟ କରିଥାନ୍ତି । ତନ୍ମଧ୍ୟରୁ ତାଙ୍କର ବଗିଚାରେ ଆମ୍ବଗଛ ୩୫ଟି, ଅମୃତଭଣ୍ଡା ଗଛ ୧୦୦ଟି, ପିଜୁଳି ଗଛ ୩୦ଟି ଓ କଦଳୀ ଗଛ ପାଖାପାଖି ୯୦୦ଟି ଲଗାଇଛନ୍ତି । ଏଥିରୁ ପାଖାପାଖି ବର୍ଷକୁ ୭୦,୦୦୦/- ଟଙ୍କା ଲାଭ କରିଥାନ୍ତି ଓ ସେ ମଧ୍ୟ ୪ ଗୋଟି ସଙ୍କର ଜାତୀୟ ଗାଈ ରଖିଛନ୍ତି, ଯେଉଁଥିରେ କି ସେ ଅନ୍ୟୂନ୍ୟ ବର୍ଷକୁ ୮୦ ରୁ ୯୦ ହଜାର ଟଙ୍କା ଖର୍ଚ୍ଚ କରି ପ୍ରାୟ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇଥାନ୍ତି । ଜୈବିକ ପଦ୍ଧତିରେ ଚାଷ, ଜୈବିକ ଖତ ଓ ଜୈବିକ କୀଟନାଶକ ବ୍ୟବହାର କରିଥାନ୍ତି ।

ତାଙ୍କର ପନିପରିବା ଚାଷରେ ସେ ବର୍ଷ-ସାରା ପୋଟଳ, ବାଇଗଣ, କାକୁଡ଼ି, ଆଳୁ, ଲଙ୍କା, କଲରା ପରି ଅନେକ ପନିପରିବା ବାଡ଼ିରେ କରି ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇଥାନ୍ତି । ସେ ନୂତନ ପନିପରିବା ଯଥା ବ୍ରୋକୋଲି ଓ ଶିମିଳା ଲଙ୍କା ଚାଷ କରି ନିଜର ପରିଚୟ ସହିତ ପଟ୍ଟାମୁଣ୍ଡାଇ ପାଇଁ ସ୍ୱତନ୍ତ୍ର ପରିଚୟ ଦେଇ ପାରିଛନ୍ତି ।

ଚାଷ ଅଛି ଯାହାର କି ସୁଖ ତାହାରର ପ୍ରକୃତ ପରିଚୟ ସେ ଚାଷୀ ଭାଇମାନଙ୍କୁ ଦେଇ ପାରିଛନ୍ତି । ସେ ମଧ୍ୟ ବିଭିନ୍ନ ବିଭାଗରେ କାର୍ଯ୍ୟକ୍ରମ ଓ ତାଲିମ ଶିବିରରେ ଯୋଗ ଦିଅନ୍ତି । ସେ ମଧ୍ୟ ପଟ୍ଟାମୁଣ୍ଡାଇ ପାଇଁ ବିଭିନ୍ନ ବ୍ଲକ୍ ଓ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଭାଗନେଇ ପୁରସ୍କୃତ ହୋଇଛନ୍ତି ।



## ପଟ୍ଟାମୁଣ୍ଡାଇର ସଫଳ ମତ୍ସ୍ୟ ଚାଷୀ : ମୋତିଲାଲ

ଶ୍ରୀ ମୋତିଲାଲ ମାଇତି, ପି-ବଳଦେବ ମାଇତି, ବେଲତଳ, ପଟ୍ଟାମୁଣ୍ଡାଇ, ଜି-କେନ୍ଦ୍ରାପଡ଼ାର ଜଣେ ଅଗ୍ରଣୀ ମାଛ ଚାଷୀ ସେ ତାହାର ନିଜସ୍ୱ ବୁଦ୍ଧି ବଳରେ ପଟ୍ଟାମୁଣ୍ଡାଇସ୍ଥ, ବେଲତଳ ଗ୍ରାମରେ ୯ ଗୋଟି ଛୋଟ ଓ ବଡ଼ ପୋଖରୀ କରିଛନ୍ତି । ସେ ସବୁ ତାଙ୍କର ନିଜସ୍ୱ ନିଷ୍ଠା ଓ ପରିଶ୍ରମର ପରାକ୍ରମ ବଳରେ ମାଛଚାଷୀଙ୍କ ପାଇଁ ଏକ ପ୍ରେରଣା ପାଲଟିଯାଇଛନ୍ତି ।

୯ ଗୋଟି ପୋଖରୀ ମଧ୍ୟରୁ ୩ ଗୋଟି ପାଖାପାଖି ୨ ଏକର ବିଶିଷ୍ଟ ଓ ୬ ଗୋଟି ପାଖାପାଖି ୧ ଏକର ବିଶିଷ୍ଟ, ତାଙ୍କର ମୁଖ୍ୟ ବ୍ୟବସାୟ ହେଲା ମାଛ Fingerling, Earling ଓ ଜାଆଁଳ କରି ବ୍ୟବସାୟ କରିବା । ୩ଟି ବଡ଼ ପୋଖରୀରେ ସେ ରୋହି, ଭାକୁର, ମିରିକାଳି ପ୍ରଭୃତି ନାନାଦି ପ୍ରକାର ମାଛ ଚାଷ କରି ଆଖପାଖ ବଜାରରେ ବିକ୍ରି କରିଥାନ୍ତି ।

ଏତଦ୍ ବ୍ୟତୀତ ସେ ପୋଖରୀ ଉପରେ ଘର କରି କୁକୁଡ଼ା ପାଳନ କରିଥାନ୍ତି, ତାଙ୍କର ନିଜସ୍ୱ ଫାର୍ମରେ ପାଖାପାଖି ଚାରି ହଜାର କୁକୁଡ଼ା ବର୍ଷ ତମାମ ରଖି ବ୍ୟବସାୟିକ ଆଧାର ବୃଦ୍ଧି ସହ ସବୁଠାରୁ ଆଶ୍ଚର୍ଯ୍ୟର କଥା ସେ ମଧ୍ୟ ୨୦୦୦ ପାରା ରଖି ବ୍ୟବସାୟିକ ଲାଭବାନ ହେଉଛନ୍ତି ।

ତାଙ୍କର ଏହି ବ୍ୟବସାୟ ପାଇଁ ସେ ପ୍ରାୟ ବାଲେଶ୍ୱର ଠାରୁ ନେଇ ବରହମପୁର ପର୍ଯ୍ୟନ୍ତ ସମସ୍ତ ମାଛ ଚାଷୀ ଭାଇମାନଙ୍କ ପାଖରେ ପରିଚିତ ।



ସରକାରୀ ସ୍ତରରେ ଏବଂ ସିଫା (CIFA) ରେ ମଧ୍ୟ ଆଦୃତ ମାନ ଚାଷୀ ହୋଇ ପାରିଛନ୍ତି । ସେ ମଧ୍ୟ ଜିଲ୍ଲାସ୍ତର ଓ ଜାତୀୟସ୍ତରରେ ବିଭିନ୍ନ ପ୍ରକାର କୃଷି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି ଏବଂ ବହୁ ସମ୍ମାନର ଅଧିକାରୀ ହୋଇଛନ୍ତି । ତନ୍ମଧ୍ୟରୁ ଜିଲ୍ଲାସ୍ତରୀୟ କୃଷକ ସମ୍ମାନ ଅନ୍ୟତମ ।

ଜଣେ ସଫଳ ମତ୍ସ୍ୟ ଚାଷୀ ହିସାବରେ ଆପଣଙ୍କର କୃତି ଓ କୃତିତ୍ୱ ଆମ ଅଞ୍ଚଳରେ ସର୍ବତ୍ର ବିଦିତ । ମତ୍ସ୍ୟ ଚାଷ ଓ ଚାଷୀର ବିକାଶ ପାଇଁ ତାଙ୍କର ଉଦ୍ୟମ ପ୍ରେରଣାଦାୟୀ । ସାମାଜିକ ଅଙ୍ଗୀକାର, ପ୍ରତିବଦ୍ଧତା ଓ କ୍ରିୟାଶୀଳତା ପାଇଁ ସେ ବିଶେଷ ଭାବେ ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ପରିଚିତ ।

# କେନ୍ଦ୍ରାପଡ଼ାର ନାମକରଣ

ପୁରାଣ ପ୍ରସିଦ୍ଧ ଐକ୍ୟଭୂମି ପବିତ୍ର ତୁଳସୀକ୍ଷେତ୍ରର ଅନ୍ୟନାମ ହେଉଛି କେନ୍ଦ୍ରାପଡ଼ା। ସାତନଦୀ ଓ ସତେଇଶ ଉପନଦୀ ଓ ଦିଗନ୍ତ ବିସ୍ତାରୀ ମହୋଦଧି ଜଳ ବିଧୌତ ଏହି ପ୍ରାଚୀନ ଭୂଖଣ୍ଡ ଓଡ଼ିଶା ମାନଚିତ୍ରର ୨୦° ୨୦ ଉତ୍ତରରୁ ୨୦° ୩୭ ଦକ୍ଷିଣ ଅକ୍ଷାଂଶ ଏବଂ ୮୬° ୧୪ ପୂର୍ବରୁ ୮୭° ୦୧ ପଶ୍ଚିମ ଦ୍ରାଘିମା ମଧ୍ୟରେ ଅବସ୍ଥିତ। ୨୪୯୪.୬୯ ବର୍ଗ କି.ମି. ବା ୨,୪୯,୪୬୯ ହେକ୍ଟର ପରିମିତ ଭୂମିରେ ଗଠିତ ଏହି କେନ୍ଦ୍ରାପଡ଼ାର ପୂର୍ବଦିଗରେ ସଦା ଚଞ୍ଚଳ ବଙ୍ଗୋପସାଗର, ପଶ୍ଚିମରେ କଟକ ଜିଲ୍ଲା, ଯାଜପୁର ଜିଲ୍ଲାସ୍ଥ ବୌଦ୍ଧ ବିମଣ୍ଡିତ ଲଳିତଗିରି ସହିତ ପରିବର୍ଦ୍ଧିତ ଆସିଆ ପାହାଡ଼, ଉତ୍ତରରେ ପବିତ୍ର ବିରଜା କ୍ଷେତ୍ର ଓ ଭଦ୍ରକ ଜିଲ୍ଲା ସହିତ ପୂର୍ଣ୍ୟତୋୟା ବୈତରଣୀର ଜଳାଧାର ଏବଂ ଦକ୍ଷିଣରେ ମହାନଦୀର ଆକୀର୍ଣ୍ଣ ଜଳରାଶିକୁ ଲାଗି ଐତିହାସିକ କୁଜଙ୍ଗଗଡ଼, ମା' ଶାରଳାଙ୍କ କ୍ଷେତ୍ର ବା ଜଗତ୍‌ସିଂହପୁର ଜିଲ୍ଲା ଏହାର ସୀମା ନିର୍ଦ୍ଧାରଣ କରୁଅଛି। ୧୮୫୯ ମସିହାରେ କଟକ ଜିଲ୍ଲାର ସବ୍‌ଡିଭିଜନ ଭାବେ ମାନ୍ୟତା ହାସଲ କରିଥିବା କେନ୍ଦ୍ରାପଡ଼ା ଉପଖଣ୍ଡ ୪ ତାରିଖ ଏପ୍ରିଲ ୧୯୯୩ ମସିହାରେ ଏକ ସ୍ୱତନ୍ତ୍ର ଜିଲ୍ଲା ଭାବେ ଘୋଷିତ ହୋଇଥିଲା।

ତେବେ 'କେନ୍ଦ୍ରାପଡ଼ା' ନାମ ଉଦ୍ଭବ ସମ୍ପର୍କରେ ରହିଛି ଅନେକ ମତାମତ। କେତେଜଣ ବିଜ୍ଞ ଏହି ନାମଟି କନ୍ଦରାପାଡ଼ୀ, କନ୍ଦରାପଡ଼ା ଓ କେନ୍ଦରାପଡ଼ା ଆଦି ନାମରୁ ସୃଷ୍ଟି ହୋଇଥିବାର ମତାମତ ପ୍ରଦାନ କଲା ସମୟରେ ଅନ୍ୟ କେତେଜଣ ପ୍ରାଜ୍ଞ ଗବେଷକ ଏହି ନାମଟି କନ୍ଦ୍ରୋତ୍‌ପାଟିକା, କେନ୍ଦ୍ରପଲ୍ଲୀ ବା କେନ୍ଦ୍ରାପଡ଼ାରୁ ଆସିଥିବାର କହିଥାଆନ୍ତି। ବସ୍ତୁତଃ, ସମୁଦାୟ ମତବାଦ ହେଉଛି ତିନିଗୋଟି। ପ୍ରଥମ ମତବାଦଟି ପୁରାଣ ବର୍ଣ୍ଣିତ କନ୍ଦରାସୁର ଉପାଖ୍ୟାନରୁ ଦ୍ୱିତୀୟଟି ନାଥଧର୍ମୀମାନଙ୍କ ଦ୍ୱାରା ବ୍ୟବହୃତ ବାଦ୍ୟଯନ୍ତ୍ର କେନ୍ଦରାରୁ ଓ ତୃତୀୟଟି ସମର୍ଥିତ ଓ କେନ୍ଦ୍ରପଲ୍ଲୀରୁ ବୋଲି ଜଣାଯାଇଥାଏ।

ପ୍ରଥମ ପୌରାଣିକ ମତବାଦଟି ବ୍ରହ୍ମପୁରାଣ ଓ ତୁଳସୀକ୍ଷେତ୍ର ମାହାତ୍ମ୍ୟରୁ ମିଳିଥାଏ। ବ୍ରହ୍ମ ପୁରାଣରେ ଉଲ୍ଲେଖ ଅଛି ଯେ, କୃଷ୍ଣାଗ୍ରଜ ବଳରାମ ମହାଭାରତ ଭଳି ପାରିବାରିକ ଯୁଦ୍ଧରେ ଯୋଗ ନଦେଇ ତୀର୍ଥାଟନ କରିବାକୁ ଆସି ଯାଜପୁରସ୍ଥ ବ୍ରାହ୍ମଣମାନଙ୍କ ଠାରୁ ଲଳିତଗିରିରେ ବାସ କରୁଥିବା ଦୁର୍ଦ୍ଦାନ୍ତ ରାକ୍ଷସ 'କନ୍ଦରାସୁର'ର ଅତ୍ୟାଚାର ଶୁଣି ତାହାକୁ ନିଜର ଆୟୁଧ ହଳ ଓ ମୂଷଳରେ ସଂହାର କରିଥିଲେ। ତେବେ କନ୍ଦରାସୁର ସମ୍ବନ୍ଧୀୟ ସମ୍ପୂର୍ଣ୍ଣ କାହାଣୀ ମିଳିଥାଏ ତୁଳସୀକ୍ଷେତ୍ର ମାହାତ୍ମ୍ୟରୁ। ଏକାମ୍ରକ୍ଷେତ୍ର ମାହାତ୍ମ୍ୟ ଓ ବିରଜାକ୍ଷେତ୍ର ମାହାତ୍ମ୍ୟ ପରି 'ତୁଳସୀକ୍ଷେତ୍ର ମାହାତ୍ମ୍ୟ' ହେଉଛି ଏକ ପ୍ରାଚୀନ ସଂସ୍କୃତ କାବ୍ୟ (ପୋଥି) ଓ ଏହାକୁ ଅଷ୍ଟାଦଶ ଶତାବ୍ଦୀର ପ୍ରାନ୍ତୀୟ ଭାଗରେ ବିପ୍ରମାଧୁରୀ ନାମକ ଜନୈକ କବି ଓଡ଼ିଆ ଭାଷାରେ ଅନୁବାଦ କରିଥିଲେ। ଏହି ପୋଥିଟି ଛେଦରା-ବାରଙ୍ଗ ରାଜାଙ୍କ ଗୃହରୁ ପ୍ରାପ୍ତ ହେଲା ପରେ ତା ୨୬.୦୭.୧୯୧୭ରେ ରାଧାକୃଷ୍ଣ ବସୁଙ୍କ ଦ୍ୱାରା ପୁସ୍ତକ ଆକାରରେ ପ୍ରକାଶିତ ହୋଇଥିଲା। ଏହି ପୁସ୍ତକରେ ଲେଖାଯାଇଛି - କନ୍ଦରା ଉତ୍ପାଟନ କଲେ / କନ୍ଦରାପାଡ଼ି ନାମଦେଲେ, କନ୍ଦରା ହୃଦେଶରେ କରି / ନିର୍ମାଣ କଲେ ଦିବ୍ୟ ପୁରୀ। ଏହି ଉପାଖ୍ୟାନକୁ ଭିତ୍ତି କରି History of Orissa ପୁସ୍ତକରେ ୧ମ ଭାଗ ୨୭୧ ପୃଷ୍ଠାରେ ଡବ୍ଲ୍ୟୁ.ଡବ୍ଲ୍ୟୁ. ହଣ୍ଟର ଲେଖିଛନ୍ତି - I found the whole people Vishnuvite, the sacred plant of Vishnu outside every house in Kendrapara, the Subdivision immediately adjoining Jajpur to the south-east, a temple to Balabhadra (Jagannath's brother) in one of the village, Ichhapur and a local purana or sacred poem, reciting the victory of the God over the Demon."। ପୁନଶ୍ଚ କଟକ ଗେଜେଟିୟର (୧୯୯୬-ପୃଷ୍ଠା ୧୦୫୪)ରେ ଉଲ୍ଲେଖ ଅଛି - According to a legend the place has derived its name from Kandarasura, the demon king, who ruled over the area surrounding Lalitgiri." ପୌରାଣିକ ଭିତ୍ତିକ ଏହି ଉପାଖ୍ୟାନଟି ବିପୁଳ ଜନସମର୍ଥନ ଲାଭ କରିଥିବାର ଜଣାଯାଏ।

ଦ୍ୱିତୀୟରେ କେନ୍ଦ୍ରାପଡ଼ା ଅଞ୍ଚଳରେ ଅର୍ଥାତ୍ ନିର୍ଦ୍ଦିଷ୍ଟ ଭାବେ ବୀରସ୍ୱତୀ, କିଆରବାଙ୍କ, ତରଡ଼ିପାଳ, ଡେରାବିଶି ଓ ପୁନ୍ଦାଳ ଆଦି ଗ୍ରାମରେ ନାଥଧର୍ମର ଲୋକମାନେ ବହୁଳ ଭାବରେ ବସବାସ କରିବା ସହିତ ତାଙ୍କ ଗୁରୁମାନଙ୍କ ଦ୍ୱାରା ପ୍ରତିଷ୍ଠିତ ବୀରସ୍ୱତୀ, କେୟାରବାଙ୍କ, ତରଡ଼ିପାଳ, ରାଜନଅର ଆଦି ବଡ଼ ବଡ଼ ପ୍ରାଚୀନ ମଠମାନ ରହିଅଛି। ଏହି ନାଥଧର୍ମର ଲୋକମାନେ 'କେନ୍ଦରା' ନାମକ ଗୋଟିଏ ବାଦ୍ୟଯନ୍ତ୍ର ବଜାଇ ଲୋକମାନଙ୍କ ଦ୍ୱାରରେ ଭିକ୍ଷାବୃତ୍ତି କରିଥାଆନ୍ତି। ତେଣୁ ଏହି 'କେନ୍ଦରା'ରୁ କେନ୍ଦ୍ରାପଡ଼ା ସୃଷ୍ଟି ହେବାର କଥା ପ୍ରାଧ୍ୟାପକ ବ୍ରହ୍ମାନନ୍ଦ ଦାସ ତାଙ୍କ ପ୍ରଣୀତ 'ସୃଷ୍ଟି ଓ ଦୃଷ୍ଟି' ପୁସ୍ତକରେ ଉଲ୍ଲେଖ କରିଛନ୍ତି। ତେଣୁ ନାଥଧର୍ମ ସଂସ୍କୃତି ସହିତ ଜଡ଼ିତ ଲେଖକମାନେ ଏହାକୁ ସମର୍ଥନ କରିଅଛନ୍ତି। ତେବେ ପ୍ରଧ୍ୟାପକ କିଶୋରଚନ୍ଦ୍ର ସାହୁ (ଓଡ଼ିଶାର ଦେବଦେବୀ-୨୨୮ ପୃଷ୍ଠା) ଲେଖିଛନ୍ତି - "ଯେଉଁଠାରେ ଯେଉଁ ଜାତିର ଲୋକେ ବେଶୀ ଥାଆନ୍ତି ସେହି ସ୍ଥାନର ନାମ ସେହି ଜାତି ଦ୍ୱାରା ନାମିତ ହୋଇଥାଏ। ଯଥା- କରଣସାହି, ମୁସଲମାନ ବସ୍ତି, ଖଣ୍ଡାୟତ ବସ୍ତି, ବ୍ରାହ୍ମଣ ସାହି ଏପରିକି ଯୋଗୀସାହି ମଧ୍ୟ। କେନ୍ଦ୍ରାପଡ଼ା ଯଦି ନାଥ ସମ୍ପ୍ରଦାୟ ଗୋଷ୍ଠୀଙ୍କ ଦ୍ୱାରା ପରିବେଷ୍ଟିତ ହୋଇଥିଲା, ତେବେ ସେମାନେ ଜାତି ଅନୁସାରେ ନାମକରଣ କରିପାରି ଥାଆନ୍ତେ - ଯଥା ନାଥପଡ଼ା କିମ୍ବା ଯୋଗୀପଡ଼ା। କେନ୍ଦ୍ରାପଡ଼ା ପରିବର୍ତ୍ତେ ଏହା ଯଦି ନାଥପଡ଼ା କିମ୍ବା ଯୋଗୀପଡ଼ା ହୋଇଥାଆନ୍ତା, ତେବେ ଆମର କିଛି କହିବାର ନଥାନ୍ତା। ପୁଣି କେନ୍ଦରା ଯୋଗମୀନଙ୍କର ଏକ ବାଦ୍ୟଯନ୍ତ୍ର। ଗୋଟିଏ ବାଦ୍ୟଯନ୍ତ୍ର ନାମକରଣରୁ ଏତେ ବଡ଼ ଅଞ୍ଚଳର ନାମକରଣ ସୃଷ୍ଟି ହେବା ଅସ୍ୱାଭାବିକ ପରି ପ୍ରତୀୟମାନ ହୁଏ। ଦ୍ୱିତୀୟରେ 'ନାଥଯୋଗୀ' ମାନେ କୌଣସି ଏକ ନିର୍ଦ୍ଦିଷ୍ଟ ଜାତି ନୁହଁନ୍ତି ବରଂ ନାଥ ଗୋଟିଏ ଧର୍ମ । ତେଣୁ ନାଥ ଧର୍ମାବଲମ୍ବୀମାନଙ୍କ ଦ୍ୱାରା ବ୍ୟବହୃତ ବାଦ୍ୟଯନ୍ତ୍ର 'କେନ୍ଦରା'ରୁ କେନ୍ଦ୍ରାପଡ଼ା ନାମକରଣ ହେବା ସମୀଚିନ ନୁହେଁ ବୋଲି ପ୍ରତ୍ୟୟ ହୋଇଥାଏ।

ତୃତୀୟରେ 'କେନ୍ଦ୍ରପଲ୍ଲୀ'ରୁ କେନ୍ଦ୍ରାପଡ଼ା ନାମ ସୃଷ୍ଟି ହେବା ପଛରେ ରହିଛି ଐତିହାସିକ ପ୍ରମାଣ ଓ ସରକାରୀ ନଥିପତ୍ର। ସାମ୍ପ୍ରତିକ କେନ୍ଦ୍ରାପଡ଼ା ସହରକୁ ଅତୀତରେ ଚଉଁରୀ-ବ୍ରହ୍ମପୁର ବୋଲି କୁହାଯାଉଥିବାର ସରକାରୀ ରେକର୍ଡ଼ରେ ଦେଖିବାକୁ ମିଳିଥାଏ। ଏହାର ଅର୍ଥ ହେଉଛି 'ଚଉଁରୀ-ବ୍ରହ୍ମପୁର' ଶବ୍ଦକୁ ଭାଷାକୋଷ ଅନୁଯାୟୀ ବାଖ୍ୟା କଲେ, ଜଣାଯାଏ ଯେ 'ଚଉଁରୀ' ଶବ୍ଦର ଅର୍ଥ ଯେଉଁ ସ୍ଥାନକୁ ଚାରିଦିଗରୁ ରାସ୍ତାଥାଏ। ସେହି ସ୍ଥାନକୁ ଚଉଁରୀ ବୋଲି କୁହାଯାଏ। ସେହିପରି 'ବ୍ରହ୍ମପୁର' ଶବ୍ଦକୁ ତର୍ଜମା କଲେ ଜଣାଯାଏ ଯେ ଯେଉଁ 'ପୁର' (ନିବାସସ୍ଥଳୀ)ରେ 'ବ୍ରହ୍ମ' ବିରାଜମାନ କରିଥାଆନ୍ତି। ତାହାକୁ 'ବ୍ରହ୍ମପୁର' ବୋଲି କୁହାଯାଏ। ତେଣୁ ଏହା କୁହାଯାଇ ପାରିବ ଯେ 'ଚଉଁରୀ' ଅଞ୍ଚଳରେ ମହାପ୍ରଭୁ ଶ୍ରୀବଳଦେବଙ୍କ 'ମୁକ୍ତ ବ୍ରହ୍ମ ବିଗ୍ରହ' ପୁରା କାଳରେ ପୂଜା ପାଉଥିବାରୁ ଏହାର ନାମ 'ଚଉଁରୀ-ବ୍ରହ୍ମପୁର' ବୋଲି କୁହାଯାଉଥିଲା। ତେବେ ୧୩୮୫ ସାଲ ବା ୧୯୦୮ ମସିହା 'ଉତ୍କଳ ସାହିତ୍ୟ' ୧୧ଶ ଭାଗ ୭ମ ସଂଖ୍ୟାରେ 'ଅଶ୍ୱତ୍ଥ କ୍ଷେତ୍ର ବା କିଲ୍ଲା କୁଜଙ୍ଗ' ପ୍ରବନ୍ଧରେ ବିପିନ ବିହାରୀ ସେନ୍ ଲେଖିଛନ୍ତି, "୧୭୫୧ ଖ୍ରୀ.ଅ.ରେ କୁଜଙ୍ଗ ରାଜା ଚତୁର୍ଭୁଜ ଷଣ୍ଢଙ୍କୁ ପରାସ୍ତ କରିବା ପାଇଁ ମରହଟ୍ଟା ଶାସକ 'କେନ୍ଦ୍ରପଲ୍ଲୀ' ଠାରେ ଜଣେ ଫୌଜଦାର ଓ ସୈନ୍ୟମାନଙ୍କୁ ମହଜୁଦ୍ ରଖିଥିଲେ ଏବଂ ସେହି ସମୟଠାରୁ ଲୋକେ ଏହାକୁ କେନ୍ଦ୍ରପଲ୍ଲୀ ବା କେନ୍ଦ୍ରାପଡ଼ା ବୋଲି କହିବା ଆରମ୍ଭ କରିଥିଲେ। ଏ ସମ୍ପର୍କରେ ହଣ୍ଟର ସାହେବ ତାଙ୍କ History of Orissa Vol ର ୧୨୮ ପୃଷ୍ଠାରେ ଲେଖିଛନ୍ତି "During the Marahatta rule, a magistrate (Fauzdar) was stationed here with a small force for the purpose of checking the depnedations of the Raja of Kujang." ଦ୍ୱିତୀୟରେ 'ଶ୍ରୀ ଶ୍ରୀ ବଳଦେବ ସହସ୍ର ନାମ'ରେ ଶ୍ରୀ ବଳଦେବ କେନ୍ଦ୍ରପଲ୍ଲୀରେ ପୂଜା ପାଉଥିବା ଅର୍ଥରେ 'କେନ୍ଦ୍ର ପଲ୍ଲୀ ନିବାସାୟଃ' ବୋଲି ସଂସ୍କୃତ ଭାଷାରେ ଲେଖା ହୋଇଅଛି। ତୃତୀୟରେ ତତ୍‌କାଳେ କେନ୍ଦ୍ରାପଡ଼ା ସହର ମଧ୍ୟରେ ପ୍ରବାହିତ ହେଉଥିଲା ସୁନାବ୍ୟା ନଦୀ 'ମଧୁସାଗର' - ଯାହାର କିଛି କିଛି ଅଂଶ ବର୍ତ୍ତମାନ ଦେଖାଯାଇଥାଏ। ଏହି ମଧୁସାଗର କୂଳରେ ବାସ କରୁଥିବା କୌବର୍ତ୍ତମାନଙ୍କ ସାହାଯ୍ୟରେ କେନ୍ଦ୍ରାପଡ଼ାର ଲୋକମାନେ ଦୂରଦେଶ ସହିତ ବାଣିଜ୍ୟ କରୁଥିବାର ଯଥେଷ୍ଟ ପ୍ରମାଣ ମିଳିଥାଏ। ତେଣୁ ବର୍ତ୍ତମାନର କେନ୍ଦ୍ରାପଡ଼ା ସହର ସେହି ସମୟରେ ନୌବାଣିଜ୍ୟର ଏକ କେନ୍ଦ୍ରସ୍ଥଳୀ ଥିଲା। ଚତୁର୍ଥରେ କେନ୍ଦ୍ରାପଡ଼ା ସହରର ଭୌଗୋଳିକ ଅବସ୍ଥିତିକୁ ଆକଳନ କଲେ ଦେଖାଯାଏ ଯେ ଏହି ସହରର ଚତୁଃପାର୍ଶ୍ୱରେ ଅନେକ ପଲ୍ଲୀ, ପଡ଼ା, ପୁର, ଖଣ୍ଡ ଓ ଖଣ୍ଡୀ ଆଦି ଗ୍ରାମର ମୁଖ୍ୟସ୍ଥଳୀ ଭାବରେ ଗଣ୍ୟ ହେଉଥିଲା ଓ ଶ୍ରୀବଳଦେବଙ୍କ ଅବସ୍ଥିତି ଥିବାରୁ ଏହା କେନ୍ଦ୍ରସ୍ଥଳୀ ଭାବେ ପରିଗଣିତ ହେଉଥିଲା। ଖାଲି ମରହଟ୍ଟାମାନେ ନୁହଁନ୍ତି ଇଂରେଜମାନଙ୍କର ଏହି ଛୋଟିଆ ସହର ଥିଲା ମୁଖ୍ୟ କାର୍ଯ୍ୟସ୍ଥଳୀ। ତେଣୁ ୧୮୬୮ ମସିହାର ବଙ୍ଗଦେଶୀୟ ଆଇନ୍ (ଅର୍ଥାତ୍ ପ୍ରଦେଶୀୟ ନଗରାଦି ଆଇନ୍‌ର) ୨ ଓ ୫ ଧାରା ମତେ ତା ୧୦.୦୩.୧୮୬୯ ମସିହାରେ ଇଂରେଜ ସରକାରଙ୍କ ଦ୍ୱାରା ଏହି କେନ୍ଦ୍ରପଲ୍ଲୀରେ ଏକ ମ୍ୟୁନିସପାଲିଟି ସ୍ଥାପିତ ହୋଇଥିଲା। ବସ୍ତୁତଃ, ଏହା ଥିଲା ଓଡ଼ିଶାର ପ୍ରଥମ ମ୍ୟୁନିସିପାଲିଟି। ତେଣୁ ସହରର ମଧ୍ୟସ୍ଥଳୀକୁ ନେଇ ୧୭୫୧ ଖ୍ରୀ.ଅ.ରୁ ଲୋକେ ଏହାକୁ କେନ୍ଦ୍ରପଲ୍ଲୀ ବା କେନ୍ଦ୍ରାପଡ଼ା ବୋଲି ସମ୍ବୋଧିତ କରିଥିଲେ। ତେଣୁ ଏହି ଭୂଖଣ୍ଡର ନାମ କେନ୍ଦ୍ରାପଡ଼ା ହୋଇଯାଇଥିଲା। ମରହଟ୍ଟା ରାଜତ୍ୱ କାଳରେ ଏହି ଉପଖଣ୍ଡ (ବ୍ରିଟିଶ ଶାସନର ୧୮୭୦ ମସିହା ଯାଏ) ପୂର୍ବରେ ବଙ୍ଗୋପସାଗରଠାରୁ ପଶ୍ଚିମରେ କେନ୍ଦୁପାଟଣା ଓ ଲଳିତଗିରି, ଉତ୍ତରରେ ରତ୍ନଗିରି, ବରୀର କଳାମାଟିଆ ଠାରୁ ଦକ୍ଷିଣରେ ଚିତ୍ରୋଲ ପର୍ଯ୍ୟନ୍ତ ବିସ୍ତାରଲାଭ କରିଥିଲା। ୧୮୦୬ ମସିହାରେ - ୧୮୦୪ ମସିହାର ରେଗୁଲେସନ ୪ ଓ ୧୮୦୫ ମସିହାର ରେଗୁଲେସନ ୧୨ ଅନୁଯାୟୀ କେନ୍ଦ୍ରାପଡ଼ା ଅନ୍ତର୍ଗତ ଅସୁରେଶ୍ୱରରେ ୫୪୧ ଗ୍ରାମ ପାଇଁ ସର୍ବପ୍ରଥମେ ଥାନାଟି ବସିଥିଲା ଏବଂ ୧୮୧୬ ମସିହାରେ ଏହା ସ୍ଥାନାନ୍ତରିତ ହୋଇ ଏହି ଚଉଁରୀ-ବ୍ରହ୍ମପୁର ମୌଜାକୁ ଉଠିଆସିଥିଲା। ତତ୍‌କାଳେ ଏହି ମୌଜାର ପୂର୍ବରେ ମଧୁସାଗର ଓ ଖଡ଼ିଅଙ୍ଗ ଗ୍ରାମ, ପଶ୍ଚିମରେ ବଡ଼ହାଟ, ଉତ୍ତରରେ ଗୋବରୀ ନଦୀ ଓ ଗରାପୁର ଗ୍ରାମ, ଦକ୍ଷିଣରେ ଥିଲା ମଡ଼ିଆଳ ଓ ଅଢ଼ଙ୍ଗ ମୌଜା। ତେବେ ୧୭୫୧ ମରହଟ୍ଟା ଶାସନ ସମୟରୁ କେନ୍ଦ୍ରାପଡ଼ା ନାମର ସୃଷ୍ଟି ହେଲେ ମଧ୍ୟ ଏହି ନାମରେ କୌଣସି ମୌଜା, ଅଞ୍ଚଳ ଆଦି କିଛି ସରକାରୀ ରେକର୍ଡ଼ରେ ନଥିଲା। ୧୯୦୩ ମସିହାରେ ଏହି ପ୍ରାକ୍ତନ ଚଉଁରୀ-ବ୍ରହ୍ମପୁର (ଅର୍ଥାତ୍ କେନ୍ଦ୍ରାପଡ଼ା ସହରର ପୁରୁଣା ବସ୍‌ଷ୍ଟାଣ୍ଡ) ଅଞ୍ଚଳର ନାମକୁ ସରକାରୀ ରେକର୍ଡ଼ରେ କେନ୍ଦ୍ରାପଡ଼ା ମୌଜା ଭାବେ ଗ୍ରହଣ କରାଯାଇ ୧୯୩୦ ମସିହା ବନ୍ଦୋବସ୍ତରେ ସାବ୍ୟସ୍ତ କରାଯାଇଥିଲା ଓ ସେହିଦିନ ଠାରୁ ଏହା ଏକ ଗ୍ରାମର ବା ମୌଜାର ମାନ୍ୟତା ହାସଲ କରିଅଛି। ତେଣୁ ଐତିହାସିକ ଦୃଷ୍ଟିରୁ ସେହିଦିନ ଠାରୁ ଏହା ଏକ ଗ୍ରାମର ବା ମୌଜାର ମାନ୍ୟତା ହାସଲ କରିଅଛି। ତେଣୁ ଐତିହାସିକ ଦୃଷ୍ଟିକୋଣରୁ କେନ୍ଦ୍ରପଲ୍ଲୀରୁ ହିଁ କେନ୍ଦ୍ରାପଡ଼ା ନାମର ସୃଷ୍ଟି ହୋଇଅଛି ବୋଲି କହିବା ଉଚିତ୍ ଓ ଯୁକ୍ତି ସଙ୍ଗତ ବୋଲି ସମସ୍ତଙ୍କ ଦ୍ୱାରା ଗୃହୀତ ହୋଇଅଛି।

(ନିରଞ୍ଜନ ମେକାପ)

# ତୁଳସୀ କ୍ଷେତ୍ରରେ ସିଦ୍ଧ ବଳଦେବ ଓ ରଥଯାତ୍ରା

ପ୍ରତିବର୍ଷ ଭଳି ଚଳିତ ବର୍ଷ କେନ୍ଦ୍ରାପଡ଼ାର ଗଣପର୍ବ ସିଦ୍ଧ ବଳଦେବଜୀଉଙ୍କ ରଥଯାତ୍ରା ମହାସମାରୋହରେ ପାଳନ କରାଯାଉଛି। ଜଗନ୍ନାଥଙ୍କ ବଡ଼ ଭାଇ ଭାବେ ବଳଦେବ ଶାସ୍ତ୍ର ଓ ସମାଜ ସ୍ୱୀକୃତ ହୋଇଥିବାରୁ ତୁଳସୀ କ୍ଷେତ୍ରର ଗୁରୁତ୍ୱ ଅଧିକ। ନୀଳାଚଳ ଧାମ କେବଳ 'ପୁରୀ' ନାମରେ ବିଦିତ ଥିବାବେଳେ ତୁଳସୀକ୍ଷେତ୍ର ଗୁପ୍ତ ପୁରୀ ବା ଗୁପ୍ତ ବୃନ୍ଦାବନ ଭାବେ ପରିଚିତ। ଏହାର ପରିସୀମା ପ୍ରକୃତରେ ମହାନଦୀ ଓ ବୈତରଣୀ ଅନ୍ତର୍ଗତ ଭୂଭାଗ। ବର୍ତ୍ତମାନ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ ଯାଜପୁର ଜିଲ୍ଲାର ସାଂସ୍କୃତିକ ଭାବଧାରା ସହିତ ଜଡ଼ିତ।

ଶିବ ବରପ୍ରାପ୍ତି କନ୍ଦରାସୁରର ଅତ୍ୟାଚାର ସହି ନପାରି ମୁନି, ଋଷି ଓ ସାଧାରଣ ଜନତା ଶ୍ରୀ ବଳରାମଙ୍କୁ ଆକୁଳ ପ୍ରାର୍ଥନା କରିଥିଲେ। ଶ୍ରୀବଳରାମ ଦୀର୍ଘଦିନ ଧରି ଯୁଦ୍ଧରେ ଲିପ୍ତ ରହି ଦୁଷ୍ଟ ଅସୁରକୁ ବଧ କରି ତାଙ୍କର ଅଲିଅଳି କନ୍ୟା ତୁଳସୀକୁ ବିବାହ କରିଥିଲେ। କାଳର ଉତ୍‌ଥାନ ପତନରେ ଏହି କ୍ଷେତ୍ରର ନାମ ବା ପ୍ରତିଶବ୍ଦ ଭାବେ ଭଣିତା ହୋଇଛି - କେନ୍ଦ୍ରପଲ୍ଲୀ, କେନ୍ଦ୍ରାପଡ଼ା, କେନ୍ଦରାପଡ଼ା, ବ୍ରହ୍ମକ୍ଷେତ୍ର, ଗୁପ୍ତକ୍ଷେତ୍ର, ଗୁପ୍ତ ବୃନ୍ଦାବନ ଇତ୍ୟାଦି।

ତୁଳସୀ କ୍ଷେତ୍ରରେ ସିଦ୍ଧ ବଳଦେବଙ୍କ ରଥ ବ୍ରହ୍ମ ତାଳଧ୍ୱଜ ରଥ, ପୁରାଣ ଯୁଗରେ ଶ୍ରୀ ବଳଦେବଙ୍କୁ ବ୍ରହ୍ମା ଭାଣ୍ଡିର ତାଳ ବନରେ ଏହି ସୁବିଖ୍ୟାତ ଭୁବନ ବିଜୟୀ ରଥ ପ୍ରଦାନ କରିଥିଲେ। ଏହି ବ୍ରହ୍ମ ତାଳଧ୍ୱଜ ରଥର ଆବରଣ ସପ୍ତରଙ୍ଗ ବିଶିଷ୍ଟ। ଏଥିରେ ୭ ଗୋଟି ୪୦ ଫୁଟ୍ ଲମ୍ବର ରଜ୍ଜୁ ବ୍ୟବହାର କରାଯାଏ, ଯାହାର ନାମ ବାସୁକୀ। ଏହି ଦିବ୍ୟ ରଥର ପାର୍ଶ୍ୱ ଦେବାଦେବୀ ଭାବରେ ହରିହର, ତ୍ରିପୁରାରି, ଲକ୍ଷ୍ମଣ, ସିଦ୍ଧ ବିନାୟକ, ନୃସିଂହ, ବାସୁଦେବ, ଚାମୁଣ୍ଡା, ଭଦ୍ରକାଳୀ, ମଙ୍ଗଳା, ଭୈରବୀ, ଚକ୍ର ବାସୁଳାଇ, ବାଣୀ ମଙ୍ଗଳା, ଦୁର୍ଗା ଏବଂ ଶେଷଦେବ ବିରାଜମାନ କରିଥାନ୍ତି।

ଶ୍ରୀକ୍ଷେତ୍ରର ରୀତିନୀତି ଅନୁସାରେ ତୁଳସୀକ୍ଷେତ୍ରରେ ରଥଯାତ୍ରା ପାଳନ କରାଯାଉଥିଲେ ମଧ୍ୟ ଏଥିରେ ସ୍ୱକୀୟ ମୌଳିକତା ରକ୍ଷା କରାଯାଇଥାଏ। ଦୋଳପୂର୍ଣ୍ଣିମା ପରଦିନ ଚୈତ୍ରକୃଷ୍ଣ ପ୍ରତିପଦ ଦିବସରେ ରଥ ନିର୍ମାଣ ନିମନ୍ତେ ବୃକ୍ଷ ଛେଦନର ଶୁଭାରମ୍ଭ ହୁଏ। ତୁଳସୀ କ୍ଷେତ୍ରର ସିଦ୍ଧ ବଳଦେବଙ୍କ ପହଣ୍ଡି ବିଜେ ବଡ଼ ଆକର୍ଷଣୀୟ। ତୁଳସୀ କ୍ଷେତ୍ରାଧିପତି ଶ୍ରୀ ସିଦ୍ଧ ବଳଦେବ, ଭଗ୍ନୀ ସୁଭଦ୍ରା, ଭାଇ ଜଗନ୍ନାଥ, ଶ୍ରୀ ସୁଦର୍ଶନଙ୍କ ସହିତ ରଥାରୁଢ଼ ହୁଅନ୍ତି। ମଥାରେ ସୁରମ୍ୟ ଟାହିଆ ବାନ୍ଧି ସେନାପାଟ ବେଶରେ ସଂକର୍ଷଣ ସ୍ୱରୂପ ଶ୍ରୀ ବଳଦେବ ବୀର ଦର୍ପରେ ସେବକମାନଙ୍କୁ ମେଳିରେ ଓ ଭକ୍ତ ଗହଣରେ ହଲି ହଲି ଝୁଲି ଝୁଲି ଆଗକୁ ଅଭିଯାନ କଲାବେଳେ ଖୁବ୍ ସୁନ୍ଦର ଦିଶନ୍ତି ଯାହା ଅବର୍ଣ୍ଣନୀୟ।

ରଥଚାଳନା ଏକ ମହତ୍ କାର୍ଯ୍ୟ। ରଥ ଟାଣିବା ପାଇଁ ପାଇଁ ଭକ୍ତମାନେ ଗୋଟିଏ ବର୍ଷ ଚାତକ ଭଳି ଚାହିଁ ରହିଥାନ୍ତି। ପୂର୍ବେ ରଥ ଟାଣିବା ରଥଦାଣ୍ଡରେ ବହୁ ଅସୁବିଧା ଥିଲା କିନ୍ତୁ ରାଜ୍ୟ ସରକାରଙ୍କ ସାହାଯ୍ୟ ଓ ସହଯୋଗରେ ରଥଦାଣ୍ଡ ସମ୍ପୂର୍ଣ୍ଣ ପିଚୁ କରାଯାଇଛି ଯାହା ସରକାରଙ୍କ ଏକ ମହତ୍ କାର୍ଯ୍ୟ। ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଜିଲ୍ଲା ପ୍ରଶାସନ, ମନ୍ଦିର ପ୍ରଶାସନ ଏବଂ ଆରକ୍ଷୀ ବାହିନୀଙ୍କ ସମେତ ସ୍ୱେଚ୍ଛାସେବୀମାନେ ସଜାଗ ରହିଥାନ୍ତି। ଯାହାଦ୍ୱାରା ଏହି ବର୍ଷର ରଥଯାତ୍ରାରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ଶ୍ରୀକ୍ଷେତ୍ର ଠାରୁ ତୁଳସୀ କ୍ଷେତ୍ରର ରଥଟଣା ନିଆରା ଢଙ୍ଗରେ ହୋଇଥାଏ। ଶ୍ରୀକ୍ଷେତ୍ରରେ ୩ ରଥ ଶ୍ରୀଗୁଣ୍ଡିଚା ଦିନ ହିଁ ଶରଧା ବାଲିରେ ଚକଡ଼ା ଧରିଥାଏ ମାତ୍ର ଆମର ତୁଳସୀ କ୍ଷେତ୍ରରେ ଦଉଡ଼ିଏ ଟଣା ହୋଇ ଦେବୋତ୍ତର କାର୍ଯ୍ୟାଳୟ ସମ୍ମୁଖରେ ଅଟକି ରହେ। ତାହାର ପରଦିନ ଯାହାକୁକି କେନ୍ଦ୍ରାପଡ଼ାର ୨ୟ ଶ୍ରୀଗୁଣ୍ଡିଚା କୁହାଯାଏ ସେହିଦିନ ହଜାର ହଜାର ଭକ୍ତଙ୍କ ଗହଣର ଠାକୁର ବଳଦେବ ମାଉସୀ ମା' ମନ୍ଦିର ଅଭିମୁଖେ ଯାତ୍ରା କରନ୍ତି। ଦୁଇଦିନ ଯାତ୍ରା ପରେ ଶ୍ରୀଜୀଉମାନେ ପହଣ୍ଡି ବିଜେ କରି ଆଡ଼ପ ମଣ୍ଡପରେ ଆସୀନ ହୁଅନ୍ତି।

ସେହିପରି ତୁଳସୀ କ୍ଷେତ୍ରରେ ବାହୁଡ଼ା ଯାତ୍ରା ନିଆରା ଢଙ୍ଗରେ ସମାହିତ ହୋଇଥାଏ। ବାହୁଡ଼ା ଦିନ ରଥ ମୋଡ଼ ନିଅନ୍ତି ଓ ରଥ ଦକ୍ଷିଣା ମୁହାଁ ହେଲାପରେ ଆଡ଼ପ ମଣ୍ଡପରୁ ଧାଡ଼ି ପହଣ୍ଡିରେ ଶ୍ରୀଜୀଉମାନଙ୍କୁ ଟାରମାଳ ଦେଇ ରଥାରୁଢ଼ କରାଯାଏ। ବାହୁଡ଼ା ପରଦିନ ଅର୍ଥାତ୍ ଏକାଦଶ ତିଥିରେ ରଥ ଟଣାଯାଇଥାଏ। ରଥ ମନ୍ଦିର ସମ୍ମୁଖରେ ଚକଡ଼ା ଲାଗିଲା ପରେ ରଥରେ ରଘୁନାଥ ବେଶରେ ଶ୍ରୀ ଜଗନ୍ନାଥ, ଲକ୍ଷ୍ମଣ ବେଶରେ ଶ୍ରୀ ବଳଦେବ ଧନୁଶର ହସ୍ତରେ ସଜ୍ଜିତ ହୁଅନ୍ତି। ଶ୍ରଦ୍ଧାଳୁ ଭକ୍ତମାନଙ୍କର ଭଗବାନଙ୍କୁ ଦର୍ଶନ ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୁଏ। ତା' ପରଦିନ ନିଳାଦ୍ରୀ ବିଜେ କାର୍ଯ୍ୟକ୍ରମ ମହା ସମାରୋହରେ ଅନୁଷ୍ଠିତ ହୋଇଥାଏ। ଏହି ବର୍ଷ ବିଳମ୍ବିତ ରାତ୍ରିରେ ଶ୍ରୀବଳଦେବ ଭାଇ, ଭଗ୍ନୀ ଏବଂ ସୁଦର୍ଶନଙ୍କ ସହିତ ରଥାବତରଣ କରି ରତ୍ନ ସିଂହାସନରେ ବିଜେ କରିଥିଲେ। ଏହାପରେ ନବଦିନ ବ୍ୟାପୀ ଘୋଷଯାତ୍ରାର ପରିସମାପ୍ତି ଘଟିଥିଲା।

ଭକ୍ତମାନଙ୍କ ମଧ୍ୟରେ ଭକ୍ତିଭାବ ଉଦ୍ରେକ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ନବଦିନ ବ୍ୟାପୀ ଦୋଳବେଦୀ ଏବଂ ମାଉସୀ ମା' ମନ୍ଦିର ପରିସରରେ ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀ ବଳଦେବଙ୍କର ଅତିପ୍ରିୟ ଭୋଗ ରସାବଳୀ ଏବଂ ପୋଟଳି ପିଠା ଖାଇ ଭକ୍ତମାନେ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିଥିଲେ।



ସମ୍ପାଦକ : ଚନ୍ଦ୍ରକାନ୍ତ ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ; ଡ଼ ବିରଜା ରାଉତରାୟ, ଡେପୁଟି କଲେକ୍ଟର ଓ ସମ୍ପାଦନା ମଣ୍ଡଳୀ

ପ୍ରକାଶକ : ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ, କେନ୍ଦ୍ରାପଡ଼ା ମୁଦ୍ରଣ : ବଳଦେବ ପ୍ରେସ, କେନ୍ଦ୍ରାପଡ଼ା